

“ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନାମ ସଂକୀର୍ତ୍ତନ, ବାଣୀ ବିହାର ରେଲୱେ ଷ୍ଟେଶନ ନିକଟ ତ୍ରିନାଥ ମଣ୍ଡପ, ସକାଳ ୬ଟାରୁ ଅପରାହ୍ଣ ୫ଟା।
- ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ବୈଦ୍ୟାସ ବୈଠକ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ଣ ୧୦ଟା ୩୦।
- ବିଜ୍ଞାନ ଫିଲ୍ମ ଫେଷ୍ଟିଭାଲର ଉଦ୍‌ଘାଟନ, ରିଜିଓନାଲ ସାଇନ୍ସ ସେଣ୍ଟର, ପୂର୍ବାହ୍ଣ ୧୧ଟା।
- ବିନୋବା ସେବା ପ୍ରତିଷ୍ଠାନ ପକ୍ଷରୁ ଏକ ଦିବସୀୟ କର୍ମଶାଳା, ରେଡ୍‌କ୍ରସ ଭବନ, ପୂର୍ବାହ୍ଣ ୧୧ଟା।
- ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଦ୍ୱାଦଶ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ଣ ୫ଟା ୩୦।
- ସୋସାଇଟି ଫର ଚିଲ୍‌ଡ୍ରେନର ୭ମ ବାର୍ଷିକ ଫିଏଷ୍ଟା, ଉତ୍କଳ ଅଡିଟୋରିୟମ, ସନ୍ଧ୍ୟା ୬ଟା।
- ସ୍ୱକୀୟ ଫାଉଣ୍ଡେଶନ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ନୃତ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**
- ଭାଜପା କଟକ ସଦର ଜିଲା ପକ୍ଷରୁ ଘେରାଉ ଓ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ଣ ୧୧ଟା।

**ବଡ଼ମ୍ବା**
- ଫାଇନାଲ୍ ଭାଗବତ ପ୍ରତିଯୋଗିତା, ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣ, ବଡ଼ବାରସିଂହ ସନ୍ଧ୍ୟା ୭ଟା।
- ଗିରିଗୋବର୍ଦ୍ଧନ ପୂଜା ଭସାଣି ଉତ୍ସବ, କଙ୍କଡ଼ାଯୋଡ଼ି, ସନ୍ଧ୍ୟା ୭ଟା।

**ବାଲିଅନ୍ତା**
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, କୁଞ୍ଜବିହାରୀ ମନ୍ଦିର ପ୍ରାଙ୍ଗଣ, ସକାଳ ୭ଟାରୁ ରାତି ୭ଟା।
- ଅନନ୍ତ ମହାବୀରଙ୍କ ୮ମ ଜନ୍ମବାର୍ଷିକ ଉତ୍ସବରେ ହନୁମାନ ଚାଳିଶା ପାଠ, ଅଣ୍ଡିଲୋ, ପୂର୍ବାହ୍ଣ ୧୦ଟା।
- ପଞ୍ଚବଟୀ ମା' ତାରିଣୀଙ୍କ ଯଜ୍ଞର ପୂର୍ଣ୍ଣାହୁତି, ବାଲିଅନ୍ତା ପଞ୍ଚବଟୀ ପୀଠ, ଅପରାହ୍ଣ ୫ଟା।

**ସାକ୍ଷୀଗୋପାଳ**
- ଶ୍ରୀରାଧା ପାଦ ଦର୍ଶନ, ମନ୍ଦିର ପରିସର, ସକାଳ ୬ଟା ୩୦।
- ସାଂସ୍କୃତିକ ସମାରୋହ ଶ୍ରୀରାଧା ଉତ୍ସବ, ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

# ଓଡ଼ିଶାରେ ଉତ୍କଟ ହେବ ଗ୍ରୀଷ୍ମପ୍ରବାହ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

■ ୪୨ ହଜାର ଟପିବ ଗ୍ରୀଷ୍ମକାଳୀନ ମୃତ୍ୟୁ ସଂଖ୍ୟା

■ ଅତ୍ୟଧିକ ଗରମ ଦିନ ସଂଖ୍ୟା ୩୦ଗୁଣା ବଢ଼ିବ





ନୂତନ ସର୍ବେକ୍ଷଣ ରିପୋର୍ଟ ସଂକ୍ରାନ୍ତରେ ସୂଚନା ଦିଆଯାଉଛି।

## ପଞ୍ଜାବ ହେବ ଉତ୍ତପ୍ତ ରାଜ୍ୟ

ସର୍ବେକ୍ଷଣ ଅନୁଯାୟୀ, ୩୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅତ୍ୟଧିକ ଅଙ୍ଗାରକାମ୍ଳ ନିର୍ଗମନ କରିବେ। ହାରାହାରି ତାପମାତ୍ରା ୩୨ ଡିଗ୍ରି ସେଲ୍‌ସିୟସ୍ ସହ ପଞ୍ଜାବ ଏବେ ଦେଶର ସବୁଠାରୁ ଉତ୍ତପ୍ତ ରାଜ୍ୟ ଥିବାବେଳେ ୨୧୦୦ ସୁଦ୍ଧା ମଧ୍ୟ ପଞ୍ଜାବ ଭାରତର ସବୁଠୁ ଉତ୍ତପ୍ତ ରାଜ୍ୟ ହୋଇ ରହିବ। ସେହି ସମୟରେ ପଞ୍ଜାବରେ ହାରାହାରି ବାର୍ଷିକ ତାପମାତ୍ରା ୩୬ଡିଗ୍ରି ସେଲ୍‌ସିୟସ୍ ରହିବ ବୋଲି ଆକଳନ କରାଯାଇଛି। ନିର୍ଗମନର ପ୍ରଭାବ ଭାରତ ସମେତ ସାରା ବିଶ୍ୱ ଉପରେ ପଡ଼ିବ। ଏହାକୁ ଦୃଷ୍ଟିରେ ରଖି ଯଦି ବିହିତ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ପରିସ୍ଥିତି ଜଟିଳ ହୋଇପଡ଼ିବ ବୋଲି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ପ୍ରଦୀପ କୁମାର ନାୟକ, ଟାଟା ସେଣ୍ଟର ଫର୍ ଡେଭଲପମେଣ୍ଟର ମାଇକେଲ ଗ୍ରିନ୍‌ଷ୍ଟୋନ, କ୍ଲାଇମେଟ ଇମ୍ପାକ୍ଟ ଲ୍ୟାବ୍‌ର ଅମୀର ଜିନା କହିଛନ୍ତି। ୩୩ ପ୍ରକାର ବିଶ୍ୱସ୍ତରୀୟ ଜଳବାୟୁ ମଡେଲରୁ ସମ୍ପୂର୍ଣ୍ଣ ବିବରଣୀ ତଥ୍ୟକୁ ଅନୁଶୀଳନ କରି ଏହି ସର୍ବେକ୍ଷଣ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

୨୦୧୦ରେ ଓଡ଼ିଶାରେ ହାରାହାରି ଗ୍ରୀଷ୍ମ ତାପମାତ୍ରା ୨୮.୮୭ ଡିଗ୍ରି ସେଲସିଅସ୍ ଥିବାବେଳେ ୨୧୦୦ ସୁଦ୍ଧା ଏହା ୩୨.୧୯ ଡିଗ୍ରି ସେଲସିଅସକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଚଳିତ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଯଦି ବର୍ତ୍ତମାନ ହାରରେ ଗ୍ରିନ୍‌ହାଉସ ଗ୍ୟାସ ନିର୍ଗମନ ଜାରି ରହିବ ତେବେ ଓଡ଼ିଶାରେ ଅତ୍ୟଧିକ ଗରମ ଦିନ ସଂଖ୍ୟା ୩୦ଗୁଣା ବୃଦ୍ଧି ଘଟିବ। ୨୦୧୦ରେ ଯାହା ୧.୬୨ ଦିନ ଥିଲା, ୨୧୦୦ ସୁଦ୍ଧା ତାହା ୪୮.୦୫ ଦିନକୁ ବୃଦ୍ଧି ପାଇବ ବୋଲି କୁହାଯାଇଛି। ସମଗ୍ର ଭାରତରେ ଅତ୍ୟଧିକ ଗରମ ଦିନ ସଂଖ୍ୟା ୮ଗୁଣ ବୃଦ୍ଧି ପାଇବାକୁ ଥିବାବେଳେ ୨୧୦୦ ବେଳକୁ ଏହା ୪୨.୮ଦିନରେ ପହଞ୍ଚିବ ବୋଲି ସୋମବାର ଭୁବନେଶ୍ୱରରେ ଉନ୍ମୋଚିତ ଏକ ନୂତନ ସର୍ବେକ୍ଷଣ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍ ପକ୍ଷରୁ ୟୁଚିକାଗୋସ୍ଥିତ ଟାଟା ସେଣ୍ଟର ଫର୍ ଡେଭଲପମେଣ୍ଟ ସହଯୋଗରେ 'ଭାରତରେ ଜଳବାୟୁ ପରିବର୍ତ୍ତନ ଓ ପାଣିପାଗ ଝଟକା ଜନିତ ମନୁଷ୍ୟ ଓ ଅର୍ଥନୈତିକ କ୍ଷତି'କୁ ନେଇ ପ୍ରସ୍ତୁତ କରାଯାଇଥିବା ସର୍ବେକ୍ଷଣ ରିପୋର୍ଟରୁ ଏହି ତଥ୍ୟ ଜଣାପଡ଼ିଛି। ଅଙ୍ଗାରକାମ୍ଳ ନିର୍ଗମନରେ ଓଡ଼ିଶା ଆଗରେ ରହିଥିବାବେଳେ ଏଠାରେ ଜାତୀୟ ହାରଠାରୁ ମଧ୍ୟ ଅଧିକ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହେବ। ତାପମାତ୍ରା ବୃଦ୍ଧି ଯୋଗୁ ଓଡ଼ିଶାରେ ଜଳବାୟୁ ଜନିତ ମୃତ୍ୟୁସଂଖ୍ୟା ୪୨,୩୩୪କୁ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଇଛି। ପ୍ରତିବର୍ଷ ହୃଦ୍‌ଘାତ ବା ଅଂଶୁଘାତରେ ରାଜ୍ୟରେ ଯେତିକି ମୃତ୍ୟୁ ହେଉଛି ତାହାର ୫ ଗୁଣରୁ ଅଧିକ ମୃତ୍ୟୁ ପରିଲକ୍ଷିତ ହେବ। ୧୯୯୮ରେ ଓଡ଼ିଶାରେ ଅସ୍ୱାଭାବିକ ଗ୍ରୀଷ୍ମପ୍ରବାହ ସ୍ଥିତି ଦେଖାଦେଇଥିବାବେଳେ ଏଥିରେ ୨,୦୪୨ଜଣଙ୍କ ମୃତ୍ୟୁ ହୋଇଥିଲା। ବ୍ୟାପକ ସଚେତନତା ଯୋଗୁ ଏଭଳି ମୃତ୍ୟୁସଂଖ୍ୟା କମିଥିଲେ ମଧ୍ୟ ପ୍ରତିବର୍ଷ କିଛି ନା କିଛି ମୃତ୍ୟୁ ରେକର୍ଡ କରାଯାଉଛି। ୨୦୧୦ରୁ ୨୦୧୮ ମଧ୍ୟରେ ଗ୍ରୀଷ୍ମପ୍ରବାହ ଯୋଗୁ ଭାରତରେ ୬,୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ସେଥିମଧ୍ୟରୁ ୯୦%ରୁ ଅଧିକ ମୃତ୍ୟୁ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ପଶ୍ଚିମବଙ୍ଗରେ ଘଟିଥିଲା। ତେବେ ୨୧୦୦ବେଳକୁ୬ରାଜ୍ୟଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ସର୍ବାଧିକ ଗ୍ରୀଷ୍ମକାଳୀନ ମୃତ୍ୟୁ ଘଟିବ ବୋଲି ଏହି ରିପୋର୍ଟ ଦର୍ଶାଇଛି।

# ସ୍ୱାସ୍ଥ୍ୟସେବାକୁ ଅଧିକ ଲୋକାଭିମୁଖୀ କରିବାକୁ ଚେଷ୍ଟା କରିବି

**ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ଯେପରି ସହଜରେ ଉପଲବ୍ଧ ହୋଇପାରିବ ସେ ଦିଗରେ ଗୁରୁତ୍ୱ ଦେବି। ସେହିପରି ଡାକ୍ତରୀପିଲାଙ୍କ ପାଠପଢ଼ା କ୍ଷେତ୍ରକୁ ମଧ୍ୟ ଅଗ୍ରାଧିକାର ଦିଆଯିବ। ରାଜ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନେକ ଜନକଲ୍ୟାଣକାରୀ ଯୋଜନା ଲାଗୁ କରାଯାଇଛି। ଏହି ଯୋଜନାଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ସହିତ ଏହାର କାର୍ଯ୍ୟାନ୍ୱୟନ ଦିଗରେ ସମସ୍ତ ପ୍ରଚେଷ୍ଟା କରାଯିବ। ଡାଇରେକ୍ଟର ଅଫ ମେଡିକାଲ ଏଜୁକେସନ ଆଣ୍ଡ ଟ୍ରେନିଂ (ଡିଏମ୍‌ଇଟି) ଭାବେ ନିଯୁକ୍ତି ପାଇବା ପରେ ପ୍ରଫେସର ଡା. ସି.ବି.କେ. ମହାନ୍ତିଙ୍କ ସହିତ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର।**

ଧରିତ୍ରୀ ଆଳାପ



**ଆପଣଙ୍କ ପାଇଁ କ'ଣ ସବୁ ଚ୍ୟାଲେଞ୍ଜ ରହିଛି?**
ପ୍ରତ୍ୟେକ କ୍ଷେତ୍ରରେ ଚ୍ୟାଲେଞ୍ଜ ରହିଛି। ତେବେ ପରିସ୍ଥିତିକୁ ଅନୁଶୀଳନ କରି ତା'ର ସମାଧାନ କରାଯିବ। ପ୍ରଥମତଃ ବର୍ଗୀକରଣ କାର୍ଯ୍ୟକୁ ପ୍ରାଥମିକତା ଦିଆଯିବ। ଯାହାସବୁ ସମସ୍ୟା ଆସିବ ତା'ର ସରଳ ସମାଧାନ ଦିଗରେ ଧ୍ୟାନ ଦିଆଯିବ।

**୫-ଟିକୁ ନେଇ କିଛି ସମସ୍ୟା ଅଛି କି?**
୫-ଟି ରାଜ୍ୟ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ଯେପରି ଅଧିକ କ୍ରିୟାଶୀଳ ହେବ ସେଥିପାଇଁ ଚେଷ୍ଟା କରିବି। ଯାହା ଦରକାର ତାହା ନିଶ୍ଚିତ କରାଯିବ। ସ୍ୱାସ୍ଥ୍ୟସେବାକୁ ଅଧିକ ଲୋକାଭିମୁଖୀ କରିବାକୁ ଚେଷ୍ଟା କରିବି।

**ସ୍ୱାସ୍ଥ୍ୟ ବିଭାଗରେ ଭିତ୍ତିଭୂମି ଓ ମାନବ ସମ୍ବଳ ଅଭାବ ପୂରଣ ପାଇଁ କ'ଣ କରିବେ?**
ମାନବ ସମ୍ବଳ ବିକାଶ ସହିତ ଭିତ୍ତିଭୂମିର ଉନ୍ନତି ପାଇଁ ସରକାର ସଦାସର୍ବଦା ଚେଷ୍ଟା ଜାରି ରଖିଛନ୍ତି। ଏକାସାଙ୍ଗରେ ସବୁର ସମାଧାନ ହୋଇପାରିବନାହିଁ। କ୍ରମାନ୍ୱୟରେ ଏହାର ସମାଧାନ କରାଯିବ।

**ଡିଏମ୍‌ଇଟି ହେବା ପରେ ଆଉ ରୋଗୀ ଦେଖିବେ?**
ମୋର ପ୍ରଥମ ପରିଚୟ ହେଉଛି ମୁଁ ଜଣେ ଡାକ୍ତର। ରୋଗୀ ସେବା ମୋ ଜୀବନର ଧର୍ମ ନୁହେଁ, ବ୍ରତ। ଯେକୌଣସି ପଦବୀ ମିଳୁ ନା କାହିଁକି ସମୟ ମିଳିବା ମାତ୍ରେ ରୋଗୀସେବା ଜାରି ରଖିବି।

**ଏସ୍‌ସିବି ମେଡିକାଲ ପାଇଁ କିଛି ଲକ୍ଷ୍ୟ ରହିଛି କି?**
ମୋ ପାଇଁ ସବୁ ମେଡିକାଲ କଲେଜ ସମାନ। ଯେଉଁ ମେଡିକାଲ କଲେଜରେ ଯାହା ଆବଶ୍ୟକତା ରହିଛି ତାକୁ ପୂରଣ କରିବା ପାଇଁ ମୋ ଉଦ୍ୟମ ଅବ୍ୟାହତ ରହିବ। ତେବେ ଏସ୍‌ସିବି ମେଡିକାଲରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ମୁଁ ନିଶ୍ଚିତ ଭାବେ ଗୁରୁତ୍ୱ ଦେବି।

**– ସାକ୍ଷାତ୍‌: ନିର୍ମଳ ପଣ୍ଡା, କଟକ**

## ଡିସେମ୍ବର ୭ରେ ଅଖିଳ ଭାରତୀୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ସମ୍ମିଳନୀ

**ଭୁବନେଶ୍ୱର, ୪।୧୧(ବ୍ୟୁରୋ):** ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ମହାସଂଘର ୩୦ତମ ଦ୍ୱିବାର୍ଷିକୀ ସାମ୍ବିଧାନିକ ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି। ଡିସେମ୍ବର ୭ ରୁ ୯ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଶେଖପୁରସ୍ଥିତ ରେଲ୍‌ୱେ ଅଡିଟୋରିୟମରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ପ୍ରତିନିଧି ଯୋଗଦେବେ। 'ଜାତୀୟ ଶିକ୍ଷାନୀତି ଚିଠା-୨୦୧୯' ଓ ଭାରତର ଉଚ୍ଚଶିକ୍ଷା ସଂପର୍କରେ ସମ୍ମିଳନୀରେ ଏକ ଆଲୋଚନାଚକ୍ର ହେବ। ଏଥିରେ ଶିକ୍ଷାବିତ୍, ବୁଦ୍ଧିଜୀବି, କୁଳପତି ଓ ଶିକ୍ଷକ ସଂଘ ପ୍ରତିନିଧିମାନେ ଯୋଗଦେବେ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

## ନିଶ୍ଚିନ୍ତକୋଇଲି ବଜାରରେ ବସ୍ ପୋଡ଼ି ଘଟଣା
## ନିଜ ଆଡୁ ୨ ମାମଲା ରୁଜୁକଲା ପୋଲିସ

**ନିଶ୍ଚିନ୍ତକୋଇଲି, ୪।୧୧(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟକ - ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାର ସିଣ୍ଡିକେଟ ବ୍ୟାଙ୍କ ସମ୍ମୁଖରେ ରବିବାର ସନ୍ଧ୍ୟାରେ ଘଟିଥିବା ବାଇକ୍ ଦୁର୍ଘଟଣା ଓ ବସ୍ ପୋଡି ଘଟଣାରେ କୌଣସି ଅଭିଯୋଗ ନ ହେବାରୁ ପୋଲିସ ନିଜ ଆଡୁ ୨ଟି ମାମଲା ରୁଜୁ କରିଛି। ବଜାର ପାଟ୍ରୋଲିଂ ଦାୟିତ୍ୱରେ ଥିବା ହୋମଗାର୍ଡ ସୁଶାନ୍ତ ପାତ୍ରଙ୍କ ଅଭିଯୋଗ କ୍ରମେ ଦୁର୍ଘଟଣା ଘଟାଇଥିବା ବସ୍ ନାମରେ ମାମଲା (ନଂ.୧୧୯/୧୯)ରୁଜୁ ହୋଇଛି। ସେହିପରି ଥାନା ଏଏସ୍‌ଆଇ ପି.କେ. ଦାସଙ୍କ ଅଭିଯୋଗ କ୍ରମେ ବସ୍ ପୋଡି ଓ ରାସ୍ତାରୋକୋକୁ ନେଇ ମାମଲା (ନଂ.୧୨୦/୧୯) ରୁଜୁ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ଶୁଭ୍ରାଂଶୁ ପରିଡା କୁହନ୍ତି, ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୂଚନାଯୋଗ୍ୟ, ନିଶ୍ଚିନ୍ତକୋଇଲି ବଜାର ସିଣ୍ଡିକେଟ ବ୍ୟାଙ୍କ ସମ୍ମୁଖରେ ରବିବାର ଏକ ବସ୍ ସହ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବସ୍‌ଟି ଭାରସାମ୍ୟ ହରାଇ ନିକଟରେ ଠିଆ ହୋଇଥିବା ଏକ ବାଲି ଟ୍ରକ୍‌କୁ ଧକ୍କା ଦେଇଥିଲା। ଏଥିରେ ବାଇକ ଚାଳକ ରାଜେନ୍ଦ୍ର ପୃଷ୍ଟି ଗୁରୁତର ହୋଇଥିବା ବେଳେ ୨ ଜଣ ବସ୍‌ଯାତ୍ରୀ ଆହତ ହୋଇଥିଲେ। ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକେ ବସ୍‌କୁ ଜାଳିଦେବା ସହ କଟକ-ଚାନ୍ଦବାଲି ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ।



ଭୁବନେଶ୍ୱର ୟୁନିଟ୍-୧ ମାର୍କେଟରେ ଦୁଇ କାରିଗର କାଗଜ ଡଙ୍ଗା ତିଆରି କରି ବିକ୍ରି ପାଇଁ ରଖିଛନ୍ତି।

## ଲୁଟ୍ ଅଭିଯୋଗରେ ୨ ଗିରଫ

**ପାତ୍ରପଡ଼ା, ୪।୧୧(ଡି.ଏନ୍.ଏ)**
ଲୁଟ୍‌ଅଭିଯୋଗରେ ଖଣ୍ଡଗିରିଥାନା ପୋଲିସ ସୋମବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖାରବେଳନଗର ଥାନା ଅଧୀନ ଭୋଇନଗର ଅଞ୍ଚଳର ଗୌରି ବିନ୍ଧାଣୀ, ଲକ୍ଷ୍ମୀସାଗର ଥାନା ଅଧୀନ ଝାରପଡ଼ା ଅଞ୍ଚଳର ବାଦଲ ବେହେରା। ସୂଚନା ଅନୁଯାୟୀ, ଖଣ୍ଡଗିରି ଜୟଦେବ ବାଟିକା କର୍ମଚାରୀ କ୍ଷେତ୍ରମୋହନ ପରିଡା ରବିବାର ରାତି ପ୍ରାୟ ୧୧ଟାରେ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ତାରେଣୀ ମନ୍ଦିର ପାଖରେ ତାଙ୍କୁ ଦୁର୍ଘଟଣାରେ ଆହତ ହୋଇଥିବା କହିବା ସହ ହସ୍ପିଟାଲ ପହଞ୍ଚାଇବା ପାଇଁ ଅନୁରୋଧ କରିଥିଲେ। ଏହା ପରେ କ୍ଷେତ୍ରମୋହନ ସେମାନଙ୍କୁ ବାଇକରେ ବସାଇ ହସ୍ପିଟାଲ ଯାଉଥିବାବେଳେ ରାସ୍ତାରେ ତାଙ୍କୁ ଆକ୍ରମଣ କରିବା ସହ ୨୨୦୦ଟଙ୍କା ଓ ମୋବାଇଲ ଫୋନ ନେଇ ଫେରାର ହୋଇଯାଇଥିଲେ।

## ଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମାଡ଼ ଘଟଣା
# ଏସିପି କରିବେ ତଦନ୍ତ

**ପୁରୁଣା ଭୁବନେଶ୍ୱର,୪।୧୧(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ତାଲା ପକାଇ ଆକ୍ରମଣ କରିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଅପରପକ୍ଷେ ଅଭିଯୋଗପତ୍ରରେ ଅଭିଯୁକ୍ତ ୨ ସେବାୟତଙ୍କ ନାମରେ ହୋଇଥିବା ଅଭିଯୋଗକୁ ଅନୁଧ୍ୟାନ କରାଯାଇ କିଛି ଦଫା କୋହଳ ପାଇଁ ଦୁଇ ସେବାୟତ ନିଯୋଗ ପକ୍ଷରୁ ଗୁହାରି କରାଯାଇଛି। ଏହାପରେ କମିଶନରେଟ ପୋଲିସର ଜୋନ-୨ ଏସିପି ସିସିଟିଭି ଯାଞ୍ଚ କରିବା ସହ ଘଟଣାର ତଦନ୍ତ କରିବାକୁ ଡିସିପି ଅନୁପ ସାହୁ ନିର୍ଦ୍ଦେଶ ଦେଇଛନ୍ତି।

ଜଣେ ସରକାରୀ କର୍ମଚାରୀ ବା ଅଧିକାରୀ କାର୍ଯ୍ୟ ସମ୍ପାଦନବେଳେ କେହିବ୍ୟକ୍ତି ବିଶେଷ ହୁଅନ୍ତୁ କିମ୍ବା ଗୋଷ୍ଠୀ ବିନା ଅନୁମତିରେ ତାଲା ପକାଇବା, ଗାଳିଗୁଲଜ କରିବା ଭଳି କାର୍ଯ୍ୟକରି ବିଶୃଙ୍ଖଳା ସୃଷ୍ଟି କରିବା ଆଇନତଃ ଦଣ୍ଡନୀୟ। ତେଣୁ ୨ ନିଯୋଗ ପକ୍ଷରୁ ଏଭଳି କୌଣସି ଅନୁମତି ନେଇ ଧାରଣା ଦେବା ଓ ତାଲା ପକେଇବା କାର୍ଯ୍ୟ କରାଯାଇ ନ ଥିବା ପୋଲିସ କହିଛି। ସିସିଟିଭି ଯାଞ୍ଚ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ତଦନ୍ତ ଅଧିକାରୀ କିଛି ଦଫା କମାଇବା କିମ୍ବା ଅନୁରୂପ ଭାବେ ଅନ୍ୟକିଛି ଦଫା ସଂଲଗ୍ନ କରିବାର ଆଇନ ରହିଛି।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୩୦ରେ ୨ ନିଯୋଗ ସମ୍ପାଦକଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ସେବାୟତ ଉକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସ୍ଥାନରେ ଜଣେ ଓଏଏସ୍ କ୍ୟାଡରର ଅଧିକାରୀ ନିଯୁକ୍ତି ଦାବି ନେଇ ପ୍ରତିବାଦ କରିଥିଲେ। ଏହି ସମୟରେ ଆକ୍ରମଣ ହୋଇଥିବା ଅଭିଯୋଗ କରାଯାଇଛି। ଏ ନେଇ ହାଇକୋର୍ଟ ସିନିୟର ଆଇନଜୀବୀ ଏସ.କେ. ଭଞ୍ଜଦେବ କୁହନ୍ତି, ଏପରି ସମ୍ବେଦନଶୀଳ ଘଟଣାରେ କିଛି ଦଫା କୋହଳ କରିବାର କ୍ଷମତା ପୋଲିସର ରହିଛି। ମାତ୍ର ସମସ୍ତ ବିଷୟ ଅନୁସନ୍ଧାନ କରାଯାଇ ଅଭିଯୁକ୍ତଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ରସ୍ମିତା



ସୂର୍ଯ୍ୟ



ଶିବାନୀ



ଲକ୍ଷ୍ମୀଧର



ସିପୁନ୍



ରଜତ



କିଷାନ



ଅର୍ଜୁନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୫ ନଭେମ୍ବର, ୨୦୧୯



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେହି ହିଁ କେବଳ ବୋଝ ବୋହିପାରିବ।
- ଗୁରୁ ନାନକ



## ସଂକ୍ଷେପରେ

### ପୀରବଜାର ଅଞ୍ଚଳରୁ ଶିଶୁକନ୍ୟା ଉଦ୍ଧାର

**କଟକ ଅଫିସ, ୪।୧୧:** ରାସ୍ତାକଡ଼ରେ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି ଜଣେ ମାନସିକ ବିକାରଗ୍ରସ୍ତ ମହିଳା। ଦୀର୍ଘ ୧୮ଦିନ ଧରି ଏହି ମହିଳା ନିଜ ସନ୍ତାନଙ୍କୁ ଧରି ଜଗତ୍‌ପୁରର ପୀର ବଜାର, ଭୈରପୁର ଅଞ୍ଚଳରେ ବୁଲୁଥିଲେ। ତେବେ ଏ ସମ୍ପର୍କରେ ଖବରପାଇ ଓଡ଼ିଶା ଲିଗାଲ ଆଣ୍ଡ ସୋସିଆଲ୍ ଆସୋସିଏଶନ(ଓଲ୍‌ସା)ର ସଭାପତି ବିପିନ କୁମାର ଚୌଧୁରୀଙ୍କ ନେତୃତ୍ୱରେ ମିତାଲି ଭଞ୍ଜ, ବିଜୟ ମିଶ୍ର, ଗଗନ ଜେନା, ଧର୍ମାନନ୍ଦ ସାହୁ ପ୍ରମୁଖ ପୀରବଜାର ଅଞ୍ଚଳରେ ପହଞ୍ଚି ଉକ୍ତ ମହିଳା ଓ ତାଙ୍କ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଥିଲେ। ପରେ ସମ୍ପୃକ୍ତ ମହିଳାଙ୍କୁ କଟକ ଏସ୍‌ସିବି ମେଡ଼ିକାଲ କଲେଜରେ ଭର୍ତ୍ତି କରିବା ସହ ଶିଶୁକନ୍ୟାକୁ ଚାଇଲ୍ଡ ୱେଲ୍‌ଫେୟାର କମିଟି(ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରିଥିଲେ। ସିଡବ୍ଲ୍ୟୁସି ଏହି ଶିଶୁକନ୍ୟାକୁ ଚୌଦ୍ୱାର ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନକୁ ପଠାଇଛି।

### ରେଭେନ୍‌ଶା ରେଡ଼ିଓରେ ଚକ୍ଷୁ ସଚେତନତା କାର୍ଯ୍ୟକ୍ରମ

**କଟକ ଅଫିସ, ୪।୧୧:** ରେଭେନ୍‌ଶା ରେଡ଼ିଓରେ ସୋମବାର ପ୍ରଥମଥର ଚକ୍ଷୁ ସଚେତନତା କାର୍ଯ୍ୟକ୍ରମ ପ୍ରସାରିତ ହୋଇଛି। ଏଥିରେ ଚକ୍ଷୁରୋଗର ଲକ୍ଷଣ, କାରଣ ଓ ଏହାର ପ୍ରତିକାର ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଏସ୍‌ସିବି ମେଡିକାଲର ଚକ୍ଷୁ ଚିକିତ୍ସକ ସନ୍ତୋଷ ମହାପାତ୍ର ଅତିଥି ଭାବେ ଯୋଗଦେଇ କହିଥିଲେ, ବର୍ତ୍ତମାନ ସମୟରେ ଛାତ୍ରୀଛାତ୍ରମାନେ ମୋବାଇଲରେ ଅଧିକ ସମୟ କାଟୁଛନ୍ତି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅନିଦ୍ରା ରହୁଛନ୍ତି। ଯାହାଦ୍ୱାରା ସେମାନେ କମ୍ ବୟସରୁ ଚକ୍ଷୁରୋଗରେ ପୀଡିତ ହେଉଛନ୍ତି। ମୋତିଆବିନ୍ଦୁ ରୋଗର ନିରାକରଣ ଓ ଚାଳିଶିଆ ରୋଗ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଅଧାପକ ତଥା ରେଡିଓ ପରିଚାଳନା ମୁଖ୍ୟ ଦୁଷ୍ମନ୍ତ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ଅନନ୍ୟା ଦାସଗୁପ୍ତା ଓ ଦେବପର୍ଣ୍ଣା ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନିଶା ଦେଇ ଯୁବକଙ୍କଠାରୁ ଲୁଟ୍

**କଟକ ଅଫିସ, ୪।୧୧:** ବାଦାମବାଡି ଅଞ୍ଚଳରେ ରବିବାର ରାତିରେ ଜଣେ ବ୍ୟକ୍ତିଙ୍କୁ ନିଶା ଖୁଆଇ ଦୁର୍ବୃତ୍ତମାନେ ତାଙ୍କ ପାଖରେ ଥିବା ସମସ୍ତ ଜିନିଷ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ସୁବ୍ରତ ଜେନା। ସେ ଘରକୁ ଯିବା ପାଇଁ ବାଦାମବାଡି ବସ୍‌ଷ୍ଟାଣ୍ଡରେ ଛିଡା ହୋଇଥିବାବେଳେ ତାଙ୍କର ଜଣେ ସମ୍ପର୍କୀୟ ଦେଖା ହୋଇଥିଲେ। ପରେ ଦୁହେଁ କିଛି ପାନୀୟ ପିଇଥିଲେ। ଏହାପରେ ସୁବ୍ରତ ସେଠାରେ ଶୋଇ ପଡ଼ିଥିଲେ। ଉଠିଲା ବେଳକୁ ଦେହରେ ଥିବା ପୋଷାକକୁ ଛାଡି ଦୁର୍ବୃତ୍ତ ଜଣଙ୍କ ସବୁ ଲୁଟି ନେଇଥିଲେ। ଏ ନେଇ ସେ ବାଦାମବାଡି ଥାନାରେ ଏତଲା ଦେଇଛନ୍ତି।

# ମହାନଦୀରେ ନୌକାବିହାର ମଜା ନେବେ ପର୍ଯ୍ୟଟକ

**କଟକ ଅଫିସ, ୪।୧୧**

- ଆଗେଇ ଚାଲିଛି ଷ୍ଟଲ, ଅସ୍ଥାୟୀ ରୋଡ ନିର୍ମାଣ କାମ
- ପାନୀୟ ଜଳ,ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ
- ସମୟସୀମାର ୨ ଦିନ ପୂର୍ବରୁ ସାରିବାକୁ ଲକ୍ଷ୍ୟ






ଆସନ୍ତା ୧୨ରେ ଐତିହାସିକ କଟକ ବାଲିଯାତ୍ରା। ଏହି ଯାତ୍ରାକୁ ଆଉ କିଛି ଦିନ ବାକି ଥିବାବେଳେ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ(ସିଏମ୍‌ସି) ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଗତ ଶନିବାର ସୁଦ୍ଧା ୫୦ ପ୍ରତିଶତ କାମ ଶେଷ ହୋଇ ନ ଥିଲା। ଏ ନେଇ ଶନିବାର ଧରିତ୍ରୀରେ 'ପାଖେଇ ଆସୁଛି ବାଲିଯାତ୍ରା, ସରିନି ୫୦ ପ୍ରତିଶତ କାମ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଫଳରେ ସୋମବାର ବାଲିଯାତ୍ରା ପଡ଼ିଆରେ ଅସ୍ଥାୟୀ ରୋଡ୍ ନିର୍ମାଣ କରାଯିବା ସହ ବିଦ୍ୟୁତ୍‌କରଣ ଓ ଷ୍ଟଲ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ସେପଟେ ବାଲିଯାତ୍ରା ପଡ଼ିଆରେ ପର୍ଯ୍ୟଟକ ବୋଟିଂର ମଜା ନେବା ନିମନ୍ତେ ଅସ୍ଥାୟୀ ବନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ବାଲିଯାତ୍ରାରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଉଛି। ବାଲିଯାତ୍ରାର ଦୁଇଦିନ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହେବ। ପର୍ଯ୍ୟଟକଙ୍କ ପାଇଁ ଟଏଲେଟ୍‌ର ବ୍ୟବସ୍ଥା ସାଙ୍ଗକୁ ପାନୀୟଜଳ ଏବଂ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି।

ବାଲିଯାତ୍ରା ସମୟରେ ଲୋକମାନେ ନୌକାବିହାରର ମଜା ଉଠାଇ ପାରିବେ। ଏଥିପାଇଁ ଜିଲା ପ୍ରଶାସନ, ଓଡ଼ିଶା ୟାଚିଂ ଆସୋସିଏଶନ, ଏନ୍‌ସିସି ଏବଂ ଇଣ୍ଡିଆନ ନେଭି ସହଯୋଗରେ ମହାନଦୀରେ ବୋଟିଂର ବ୍ୟବସ୍ଥା କରାଯାଉଛି। ରିଂ ରୋଡରେ ଥିବା ନାଭାଲ ବୋଟ୍ ଜେଟିଠାରୁ ବାଲିଯାତ୍ରା ପଡ଼ିଆ ମୁଖ୍ୟ ଗେଟ୍ ପର୍ଯ୍ୟନ୍ତ ଡଙ୍ଗାରେ ପର୍ଯ୍ୟଟକ ଯିବା ଆସିବା କରିପାରିବେ। ଏଥିନିମନ୍ତେ ୫ଟି ବୋଟ୍‌ର ବ୍ୟବସ୍ଥା କରାଯାଇଛି। ଗୋଟିଏ ବୋଟ୍‌ରେ ୧୦ ଜଣ ଯିବାର ସୁବିଧା ରହିଛି। ସମସ୍ତଙ୍କ ନିମନ୍ତେ ଲାଇଫ ଜ୍ୟାକେଟ୍‌ର ବ୍ୟବସ୍ଥା କରାଯାଇଛି। ଏହି ସମୟ ମଧ୍ୟରେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ବୋଟ୍ ନଦୀ ଭିତରେ ରହିବ। ପର୍ଯ୍ୟଟକଙ୍କୁ ନେବା ଆଣିବା ନିମନ୍ତେ ଗୋଟିଏ ବୋଟ୍‌ରେ ଦୁଇଜଣ ବୋଟ୍ ଅପରେଟର ଗୋଟିଏ ଲାଇଫ୍ ଗାର୍ଡ ରହିବେ। ବୋଟ୍‌ରେ ଯାତାୟାତ ସମୟରେ କୌଣସି ଅସୁବିଧା ନ ଘଟେ ସେ ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଓଡ଼ିଶା ୟାଚିଂ ଆସୋସିଏଶନ ସେକ୍ରେଟାରୀ ସବୀର ବକ୍ସ କହିଛନ୍ତି। ଏଥିସହିତ ବାଲିଯାତ୍ରାର ମହତ୍ତ୍ୱ ରଖୁଥିବା ପାଲଟଣା ଡଙ୍ଗା ଦେଖିବାକୁ ମିଳିବ। ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ପାଲଟଣା ଡଙ୍ଗାକୁ ନଦୀର ବିଭିନ୍ନ ଜାଗାରେ ପରିଭ୍ରମଣ ପାଇଁ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ଓଟିଡିସି ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଭଡ଼ା ଆଦାୟ କରାଯିବ ବୋଲି ବକ୍ସ ସୂଚନା ଦେଇଛନ୍ତି।



### ବାଲିଯାତ୍ରା ପଡ଼ିଆରେ ପହଞ୍ଚିଲା ବ୍ରେକ୍‌ଡ୍ୟାନ୍ସ ଦୋଳି

ଚଳିତବର୍ଷ ବାଲିଯାତ୍ରାରେ ଦୋଳି ପକାଇବା ନିମନ୍ତେ ୭ ଜଣ ଦୋଳି ବ୍ୟବସାୟୀ ଆବେଦନ କରିଛନ୍ତି। ଦିନକୁ ବିଦ୍ୟୁତ୍‌ଚାଳିତ ଦୋଳି ପିଛା ୮ହଜାର ଟଙ୍କା ଦେୟ ନିଆଯାଉଛି। ସେହିପରି ହାତଚଳା ଗୋଟିଏ ଦୋଳି ପାଇଁ ଦିନକୁ ୧୦୦୦ ଟଙ୍କା ରଖାଯାଇଥିବାବେଳେ ସୋମବାର ସୁଦ୍ଧା ୧୧ ଜଣ ବ୍ୟବସାୟୀ ସେମାନଙ୍କ ପ୍ଲଟ ବୁକିଂ କରିଛନ୍ତି। ସୋମବାର କଲିକତାରୁ ବ୍ରେକ୍‌ଡ୍ୟାନ୍ସ ଦୋଳି ଆସି ବାଲିଯାତ୍ରା ପଡ଼ିଆରେ ପହଞ୍ଚିଛି।

## ପାଦ ଥକିଯାଏ, ମନ ଥକେନି

**ଅନୁଭୂତିରେ ବାଲିଯାତ୍ରା**



କଟକ ଅଫିସ,୪।୧୧: ବାଲିଯାତ୍ରାରେ ବୁଲିଲେ ପାଦ ଥକି ଯାଏ, ମନ କେବେ ଥକେନି। ଯେହେତୁ ମୁଁ ଜଣେ କଟକବାସୀ, ଏଣୁ ପ୍ରତିବର୍ଷ ବାଲିଯାତ୍ରା ଯିବା ଥୟ। ଏବେ ସେ ବଳ ବୟସ ନାହିଁ। ତଥାପି ବାଲିଯାତ୍ରା ବୁଲିବା ମଜା ସେମିତି ହିଁ ସତେଜ ଅଛି। ଦିନ ଥିଲା ଏହି ଯାତ୍ରାର ମଞ୍ଚରେ ଅଭିନୟ କରିଥିଲି। ବର୍ଷ ମନେ ନାହିଁ, ହେଲେ ସେ ଅଭିନୟ ବିଷୟରେ ଟିକିନିକି କଥା ମନେ ଅଛି। ଗୀତିନାଟ୍ୟର ନାଁ ଥିଲା କର୍ଣ୍ଣ-ଅର୍ଜୁନ। ଏଥିରେ ମୁଁ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି। ଯାତ୍ରା ବୁଲି ଆସିଥିବା ଲୋକମାନେ ଏହାକୁ ବେଶ୍ ପସନ୍ଦ କରିଥିଲେ। 'ଅନୁଭୂତିରେ ବାଲିଯାତ୍ରା' ସ୍ତମ୍ଭରେ ବରିଷ୍ଠ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କାଙ୍କ ସହ କିଛି କଥା...

ବାଲିଯାତ୍ରା କଟକିଆଙ୍କ ପାଇଁ ଏକ ମହାନ ପର୍ବ। ମୁଁ ଜଣେ କଟକିଆ ଭାବେ ସବୁବେଳେ ଗର୍ବ ଅନୁଭବ କରେ। ଯାତ୍ରାକୁ ନେଇ ସମସ୍ତଙ୍କ ମନରେ ଆଗ୍ରହ ଭରି ରହିଥାଏ। ୧୯୬୫ରୁ କେବେ ବି ବାଲିଯାତ୍ରା ବୁଲି ଯିବାକୁ ଭୁଲିଯାଇନି। ସେତେବେଳେ ଆମେ ସବୁ ସାଙ୍ଗ ମିଶି ଡ୍ରାମା କରୁ। ଡ୍ରାମା ସାରି ବାଲିଯାତ୍ରା ବୁଲିବାକୁ ସମସ୍ତଙ୍କ ମନରେ ଆଗ୍ରହ ବଢିଥାଏ। ଯେତେଦିନ ବାଲିଯାତ୍ରା ଚାଲିଥାଏ ସେତେଦିନ ସାଙ୍ଗମାନଙ୍କ ଭିତରେ ସିଝାଅଣ୍ଡା, ଠୁଙ୍କାପୁରି ସହିତ ତରକାରି ଖାଇବାକୁ ପ୍ରତିଯୋଗିତା ଚାଲେ। ବାଲା ସାହୁ ଦୋକାନରୁ ଠୁଙ୍କାପୁରି ଖାଇବାକୁ ଭିଡ ଜମୁଥିଲା। ପଡିଆରେ ବହୁ ଧୂଳି ଉଡୁଥାଏ, ସେହି ଧୂଳିରେ ବି ମହା ଆନନ୍ଦ ପାଉଥିଲୁ। ସେତେବେଳର ବାଲିଯାତ୍ରା ଆଉ ଏବେକାର ବାଲିଯାତ୍ରା ମଧରେ ବହୁତ ପାର୍ଥକ୍ୟ ରହିଛି। ଏବେ ଏହା ବାଣିଜ୍ୟ ମେଳାର ରୂପ ନେଉଛି। ମୋ ସମୟରେ ଲୋକମାନେ ନିଜ ଦୈନନ୍ଦିନ ଜୀବନରୁ ସମୟ ବାହାର କରି ଖୁସି ମନାଇବାକୁ ବାଲିଯାତ୍ରା ଆସୁଥିଲେ। ଏବେର ବାଲିଯାତ୍ରା ବ୍ୟବସାୟିକ ଢଙ୍ଗ ଆଡକୁ ଗତି କରୁଛି।

# ବେଆଇନ ରେଳ ଟିକେଟ ବିକ୍ରି: ଯୁବକ ଗିରଫ

**କଟକ ଅଫିସ, ୪।୧୧**

ବେଆଇନ ଭାବେ ରେଳ ଟିକେଟ ବିକ୍ରି କରିବା ଅଭିଯୋଗରେ ସୋମବାର ଆରପିଏଫ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅଧୀନ ସୂତାହାଟ ତନ୍ତିସାହିର କେ. ଶ୍ରୀନିବାସ ରାଓ(୨୫)। ତାଙ୍କ ନିକଟରୁ ପୋଲିସ ଦୁଇଟି ସଂରକ୍ଷଣ ରେଳ ଟିକଟ, ଗୋଟିଏ ମନିଟର, ସିପିୟୁ, ପ୍ରିଣ୍ଟର, ମୋବାଇଲ, ଡଙ୍ଗଲ, ୧୧,୬୦୦ ଟଙ୍କା ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଦେଉଳସାହି ଛକରେ ଥିବା 'ଏ ଟୁ ଜେଡ୍' ପ୍ୟାକେଜ ଏବଂ ମୁଭର୍ସ ନାମକ ଏକ ସଂସ୍ଥା ବେଆଇନ ଭାବେ ସଂରକ୍ଷିତ ରେଳ ଟିକେଟ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଫଳରେ ସୋମବାର ଆରପିଏଫ ଏହି ସଂସ୍ଥାର କାର୍ଯ୍ୟାଳୟରେ ଚଢାଉ କରି କେ. ଶ୍ରୀନିବାସଙ୍କୁ ଧରିଥିଲା। ତେବେ ଏହି କାର୍ଯ୍ୟପାଇଁ ଶ୍ରୀନିବାସ କେତେଜଣ ବ୍ୟକ୍ତିଙ୍କ ନକଲି ପ୍ରମାଣପତ୍ର ବ୍ୟବହାର କରୁଥିବା ପୋଲିସ କହିଛି। ପ୍ରାୟ ୮ଜଣ ବ୍ୟକ୍ତିଙ୍କ ନାମରେ ଫେକ୍ ଆଇଡି ବ୍ୟବହାର କରି ସେ ରେଳ ଟିକେଟ ସଂରକ୍ଷଣ କରିବାରେ ସଫଳ ହେଉଥିଲେ। ଏହି ଟକେଟ୍ ପିଛା ଶ୍ରୀନିବାସ ୨ଶହରୁ ୩ଶହ ଟଙ୍କା ଅଧିକ ଦରରେ ବିକ୍ରି କରୁଥିବା ପୋଲିସ କହିଛି।



କଟକ ତୁଳସୀପୁରସ୍ଥିତ ମହାଦେବ ପୂଜା କମିଟିର ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟୀ ପ୍ରତିମାରେ ଜଣେ ଶିଳ୍ପୀ ରଙ୍ଗତୂଳୀରେ ନୂତନ ରୂପରେଖ ଦେଉଛନ୍ତି।

## କାର୍ତ୍ତିକ ମାସର ଚତୁର୍ଥ ସୋମବାର | ଧବଳେଶ୍ୱରଙ୍କୁ ଦର୍ଶନ କଲେ ୫୦ ହଜାର ଭକ୍ତ

**ଖୁଣ୍ଟୁଣୀ,୪।୧୧,(ଡି.ଏନ୍.ଏ.)**

କାର୍ତ୍ତିକ ମାସରେ ଚଳଚଞ୍ଚଳ ହୋଇ ଉଠିଛି ଆଠଗଡର ପ୍ରସିଦ୍ଧ ଧବଳେଶ୍ୱର ପୀଠ। ରବିବାର ଓ ସୋମବାର ଉକ୍ତ ପୀଠରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଠାକୁରଙ୍କ ବିଭିନ୍ନ ନୀତି ପରେ ଶ୍ରଦ୍ଧାଳୁମାନେ ଭୋର ୫ଟାରୁ ବ୍ୟାରିକେଡ ମଧରେ ଯାଇ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଦେବୋତ୍ତର ବିଭାଗ, ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରବିବାର ସେଠାରେ ପାର୍କିଂ ଫି ଆଦାୟକୁ ନେଇ ବିଦ୍ୟାଧରପୁର ଓ ପାଇକେରାପୁର ଗ୍ରାମର ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ସନ୍ଧ୍ୟାରେ ଉଭୟ ପକ୍ଷର ଲୋକଙ୍କୁ ପ୍ରଶାସନ ପକ୍ଷରୁ ଡକାଯାଇ ଘଟଣାର ସମାଧାନ କରାଯାଇଥିଲା। ସରକାରୀ ଧାର୍ଯ୍ୟଠାରୁ ପାର୍କିଂ ଫି ଅଧିକ ଆଦାୟ କରାଯାଉଥିବା ଦର୍ଶାଇ ସୋମବାର ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପାଇକେରାପୁର ଗ୍ରାମବାସୀଙ୍କ ପକ୍ଷରୁ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରିବାରେ ପ୍ରଶାସନ ପକ୍ଷରୁ ବେଆଇନ ଆଦାୟକାରୀଙ୍କୁ ତାଗିଦ୍ କରାଯାଇଥିଲା।



ନୂଆବଜାରସ୍ଥିତ ଶ୍ରୀ ଗୋପାଳକୃଷ୍ଣ ଗୋଶାଳାରେ ଅନୁଷ୍ଠିତ ଗୋପାଷ୍ଟମୀ ମେଳାରେ ବରଫରେ ପ୍ରସ୍ତୁତ ଶ୍ରୀଜୀଉଙ୍କ ପ୍ରତିମୂର୍ତ୍ତି।

## 'ଗୋଶାଳାର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସହଯୋଗ 'ଯୋଗାଇ ଦିଆଯିବ'

**କଟକ ଅଫିସ, ୪।୧୧**

ନୂଆବଜାରସ୍ଥିତ ଶ୍ରୀ ଗୋପାଳକୃଷ୍ଣ ଗୋଶାଳାଠାରେ ସୋମବାର ଗୋପାଷ୍ଟମୀ ମେଳାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗୋଶାଳା ଉନ୍ନତିକରଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଗୋଶାଳାର ଉନ୍ନତି ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ହଜାରି ଲାଲଜୀ ମୁଦ୍ରା, ପୱନ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ସେଠାରେ ବରଫରେ ନିର୍ମିତ ଦେବାଦେବୀଙ୍କ ମୂର୍ତ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ଗଣେଶ କୁମାର କାଣ୍ଡୋଇ, କୋଷାଧକ୍ଷ ସୁରେଶ କୁମାର ପୋଦ୍ଦାର, ହରିଶ ପୋଦ୍ଦାର, ଅରୁଣ ସାହୁ, ଜୟନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ସପ୍ତାହ ପାଳିତ

**କଟକ ଅଫିସ, ୪।୧୧**

ସିଡିଏ ଡିଏଭି ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କାର୍ଟୁନ, ପୋଷ୍ଟର ତିଆରି, ସ୍ଲୋଗାନ ଲିଖନ, ପ୍ରବନ୍ଧ, ତର୍କ, କୁଇଜ୍ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିସହ ବିଦ୍ୟାଳୟ ପକ୍ଷରୁ ଦୁର୍ନୀତିମୁକ୍ତ ସମାଜ ଗଠନ ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ଉଦ୍‌ଯାପନୀ ଦିବସରେ ସତ୍ୟନିଷ୍ଠା- ଜୀବନର ଅନ୍ୟ ଏକ ମାର୍ଗ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ବିଭୁଦେନ୍ଦୁ ସାହୁ ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦେବନାରାୟଣ ଦାସ ଯୋଗଦେଇଥିଲେ। ବିଦ୍ୟାଳୟର ସଂଯୋଜିକା ସୀମା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କଳାପାହାଡ଼ ବିଭୀଷିକାର ସାକ୍ଷୀ 'ମା ଗଡ଼ଚଣ୍ଡୀ'

## କାନ୍ଥ କହେ କାହାଣୀ...

**କଟକ ଅଫିସ, ୪।୧୧**

*ପ୍ରାଚୀନ ସହର କଟକ। ଏଠାରେ ରହିଛି ଅନେକ ସଂସ୍କୃତି ଓ ଇତିହାସ। ସହରଟି ଯେତିକି ପୁରୁଣା ତା'ର କାହାଣୀ ମଧ ସେତିକି ପ୍ରାଚୀନ। କୋଣ ଅନୁକୋଣରେ ଭରି ରହିଛି ଇତିହାସର ଛିଟା। ଏହିସବୁ ଲୋକଲୋଚନକୁ ଆଣିବା ପାଇଁ ଧରିତ୍ରୀର ପ୍ରୟାସ। ଏହି ଅବସରରେ ପ୍ରସିଦ୍ଧ ଶକ୍ତିପୀଠ କଟକର ମା' ଗଡ଼ଚଣ୍ଡୀଙ୍କ ମନ୍ଦିର ଉପରେ ସ୍ୱତନ୍ତ୍ର ଉପସ୍ଥାପନା...*



ପୁରାତନ କାଳରେ ବାରବାଟୀ ଦୁର୍ଗ ରାଜା ମୁକୁନ୍ଦଦେବଙ୍କର ଗଡ ଥିଲା। ସେ ନିଜ ଗଡକୁ ସୁରକ୍ଷା ଦେବା ପାଇଁ ଏକ ଖାଇ ତିଆରି କରିଥିଲେ। ସେଠାରେ ମା' ଶକ୍ତିମୟୀ ଚଣ୍ଡୀ ଦେବୀ ରାଜାଙ୍କୁ ସୁରକ୍ଷା ଦେଉଥିଲେ। ତେଣୁ ମା' ଗଣ୍ଡଚଣ୍ଡୀ ଭାବେ ଖ୍ୟାତ। ତେବେ ମା' ଗଡଚଣ୍ଡୀଙ୍କର ଆବିର୍ଭାବରେ ଅନେକ କିମ୍ବଦନ୍ତୀ ରହିଛି। ଲୋକକଥା ରହିଛି, ମା' ଗଡଚଣ୍ଡୀଙ୍କ ମନ୍ଦିର ପ୍ରାୟ ୫୦୦ ବର୍ଷ ତଳୁ ରହିଥିଲା। ଉକ୍ତ ସ୍ଥାନ ବଣଜଙ୍ଗଲରେ ପରିପୂର୍ଣ୍ଣ ରହିଥିବାବେଳେ ଏହି ମନ୍ଦିର ମାଟିତଳେ ପୋତି ହୋଇ ଯାଇଥିଲା। ପରବର୍ତ୍ତୀ ସମୟରେ ମୁକୁନ୍ଦଦେବଙ୍କ ଦ୍ୱାରା ଏହି ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା। ହେଲେ ୧୫୬୮ରେ କଳାପାହାଡ଼ ଓଡିଶା ଆକ୍ରମଣ କରିଥିଲେ। ରାଜା ସୁଲେମାନଙ୍କ ସୈନ୍ୟବାହିନୀର ସେନାପତି ଥିବା କଳାପାହାଡ଼ ଓଡ଼ିଶାର ମଠ, ମନ୍ଦିର ଉପରେ ଆକ୍ରମଣ କରିଥିବାବେଳେ ମା' ଗଡ଼ଚଣ୍ଡୀଙ୍କ ମନ୍ଦିର ମଧ ଏଥିରୁ ବାଦ ପଡ଼ି ନ ଥିଲା। ଆଜି ବି ମା'ଗଡ଼ଚଣ୍ଡୀ ମନ୍ଦିରର ପ୍ରତ୍ୟେକ ପ୍ରସ୍ତର କଳାପାହାଡ ଆକ୍ରମଣ ବିଭୀଷିକାକୁ ପ୍ରତୀୟମାନ କରେ। ଗଡଚଣ୍ଡୀଙ୍କ ପାଖରେ ପ୍ରତ୍ୟେକ ନିତ୍ୟ ପଞ୍ଚ ନୈବିଦ୍ୟ ପୂଜା କରାଯାଇଥାଏ। ଏଠାରେ ଆମିଷ ହୋଇ ନ ଥାଏ। ଷୋଳପୂଜା ସମୟରେ ମା'ଙ୍କ ପାଖରେ ପାଣି କଖାରୁ ବଳି ଦିଆଯାଇଥାଏ।



"ମା' ଗଡଚଣ୍ଡୀ ମନ୍ଦିରର ଅନେକ ମାହାତ୍ମ୍ୟ ରହିଛି। ବାତ୍ୟା, ବନ୍ୟା ଓ ମରୁଡି ସମୟରେ ସହରବାସୀଙ୍କ ଉପରେ ମା' କୃପା ଦୃଷ୍ଟି ଦେଇଥାନ୍ତି। ପ୍ରତ୍ୟକ୍ଷ ଭାବେ ମା' ସମସ୍ତଙ୍କର ମନସ୍କାମନା ପୂରଣ କରିଥାନ୍ତି।
**- ପାର୍ବତୀ ରାଉତ, ଶ୍ରଦ୍ଧାଳୁ**



"ମା'ଙ୍କ ପାଖରେ ଯିଏ ଶରଣାପନ୍ନ ହୋଇଛି ତାଙ୍କ ମନସ୍କାମନା ପୂରଣ ହୋଇଛି। ନିଷ୍ଠାର ସହିତ ମା'ଙ୍କର ପୂଜାର୍ଚ୍ଚନା କଲେ ନିଶ୍ଚିତ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି।
**- ଅଜୟ କୁମାର ବାରିକ, ଶ୍ରଦ୍ଧାଳୁ**



"ମା' ଗଡଚଣ୍ଡୀଙ୍କର ସେବା ୨୧ ବର୍ଷ ଧରି କରିଆସୁଛି। ମା' ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ। ତାଙ୍କର ଆଶିର୍ବାଦ ସବୁବେଳେ ରହିଛି। ରାତିରେ ଚଣ୍ଡୀପାଠ କରୁଥିବା ସମୟରେ ହଠାତ୍ ମୋତେ ନିଦ ଲାଗିଯାଇଥିଲା। ମା' ନିଜେ ମୋ କଣ୍ଠରେ ୩ଟି ଶ୍ଲୋକ ପାଠ କରିଛନ୍ତି।
**- ପ୍ରତାପ ଚନ୍ଦ୍ର ତ୍ରିପାଠୀ, ପୂଜକ**



ପ୍ରେମ ହିଁ ଭଗବାନ ଏବଂ ଭଗବାନ ହିଁ ପ୍ରେମ।
-ସାଇବାବା

## ସଂକ୍ଷେପରେ

ଯାଞ୍ଚ ଆଳରେ ସ୍କୁଟି ଚୋରି ଘଟଣା

### ନକଲି ପୋଲିସ ଗିରଫ, ସ୍କୁଟି ଉଦ୍ଧାର

ଭୁବନେଶ୍ୱର, ୪।୧୧(ବ୍ୟୁରୋ): ପୋଲିସ ପରିଚୟ ଦେଇ ଗାଡ଼ି ଯାଞ୍ଚ କରିବା ଆଳରେ ଗାଡ଼ି ଚୋରି କରିନେଇଥିବା ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ମଙ୍ଗଳାବାଗ ଥାନା ଅଧୀନ ଶଗଡ଼ିଆ ସାହି ଅଞ୍ଚଳର ସୋମନାଥ ଖୁଣ୍ଟିଆ ଓରଫ ଶିବୁନା। ସୂଚନା ମୁତାବକ, କଟକ ଓଲଟପୁର ଅଞ୍ଚଳର ସନ୍ତୋଷ ପ୍ରଧାନ ଗତ ୨୭ ତାରିଖ ରାତିରେ ସ୍କୁଟି ଯୋଗେ ମସ୍‌ଜିଦ କଲୋନୀ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ଶିବୁନା ତାଙ୍କୁ ପୋଲିସ ପରିଚୟ ଦେଇ ଗାଡ଼ି କାଗଜପତ୍ର ମାଗିଥିଲେ। ସନ୍ତୋଷ ଗାଡ଼ିର କାଗଜପତ୍ର ନ ଦେଖାଇ ପାରିବାରୁ ତାଙ୍କୁ ୫ ହଜାର ଟଙ୍କା ଜରିମାନା ମାଗିଥିଲେ। ସନ୍ତୋଷ ଟଙ୍କା ଦେବାକୁ ଅମଙ୍ଗ ହେବାରୁ ଅଭିଯୁକ୍ତ ତାଙ୍କ ଫୋନ ନମ୍ବର ମାଗିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଶିବୁନା ସିଆରପି ଥାନାକୁ ଆସିବାକୁ କହି ତାଙ୍କ ସ୍କୁଟି ଛଡ଼ାଇ ଫେରାର୍ ହୋଇଯାଇଥିଲେ। ଏହା ପରେ ଟଙ୍କା ଦେଇ ସ୍କୁଟି ନେଇଯିବାକୁ ଫୋନ କରି କହିଥିଲେ। ଏନେଇ ଗତ ୩୦ ତାରିଖରେ ସନ୍ତୋଷ ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୮୫/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ନମ୍ବରକୁ ଟ୍ରାକ୍ କରି ତାଙ୍କୁ କଟକରୁ ରବିବାର ବିଳମ୍ବିତ ରାତିରେ ଗିରଫ କରିବା ସହ ଚୋରି ସ୍କୁଟି (ଓଡି ୦୨ଏପି ୫୪୨୪)କୁ ଉଦ୍ଧାର କରଛି। ରବିବାର ଅଭିଯୁକ୍ତଙ୍କୁ ପଚରା ଉଚରା ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ୨୩ରୁ ପୁରୀରେ ଜନଆନ୍ଦୋଳନ ସଙ୍ଗଠନର ରାଷ୍ଟ୍ରୀୟ ସମ୍ମିଳନୀ

ଭୁବନେଶ୍ୱର, ୪।୧୧(ବ୍ୟୁରୋ): ପୁରୀସ୍ଥିତ ଡୁଡୁଆନା ଧର୍ମଶାଳାରେ ଦେଶର ବିଭିନ୍ନ ଜନଆନ୍ଦୋଳନ ସଙ୍ଗଠନଗୁଡ଼ିକର ରାଷ୍ଟ୍ରୀୟ ସମନ୍ୱୟ ସମ୍ମିଳନୀ ଆୟୋଜିତ ହେବ। ନଭେମ୍ବର ୨୩, ୨୪ ଓ ୨୫ ତାରିଖ ତିନିଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ମୁଖ୍ୟତଃ ଗରିବଙ୍କ ପ୍ରତି ହେଉଥିବା ବିଭିନ୍ନ ଅନ୍ୟାୟ ଓ ଅତ୍ୟାଚାର ଉପରେ ଆଲୋଚନା କରାଯିବ। ଦେଶର ବିଶିଷ୍ଟ ଜନଆନ୍ଦୋଳନ ନେତ୍ରୀ ମେଧା ପାଟକର, ଅରୁଣା ରାୟ ଓ ସନ୍ଦୀପ ପାଣ୍ଡେ ପ୍ରମୁଖ ଏଥିରେ ଯୋଗଦେବେ ବୋଲି ଲୋକଶକ୍ତି ଅଭିଯାନ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ମିଳିଛି। ଏଥିରେ ପ୍ରଫୁଲ୍ଲ ସାମନ୍ତରା, ଲିଙ୍ଗରାଜ ଆଜାଦ, ସୟ ମଙ୍ଗଲ (ନର୍ମଦା ବଚାଓ ଆନ୍ଦୋଳନ), ଆନନ୍ଦ ମଜଗାଓଁକର, ଆଶିଷ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ଏହି ରାଷ୍ଟ୍ରୀୟ ସମନ୍ୱୟ ୨୫ବର୍ଷରେ ପଦାର୍ପଣ କରିଛି। ଏଭଳି କାର୍ଯ୍ୟକ୍ରମ ସହଯୋଗରେ ବିଗତ ଦିନରେ ସୂଚନା ଅଧିକାର ଆଇନ, ଜଙ୍ଗଲ ଅଧିକାର ଆଇନ, ନୂଆଜମି ଅଧିଗ୍ରହଣ ଆଇନ ପରି ଅନେକ ଜନଆନ୍ଦୋଳନ ସଫଳ ହୋଇଛି ବୋଲି କୁହାଯାଇଛି। ଚଳିତଥର 'ସମ୍ବିଧାନ, ଗଣତନ୍ତ୍ର ଓ ସ୍ୱାଧୀନତାର ସୁରକ୍ଷା ପାଇଁ ଏକାଠି ଚାଲିବାକୁ ସମୟର ଆହ୍ୱାନ' ବିଷୟ ଉପରେ ବକ୍ତାମାନେ ଆଲୋଚନା କରିବେ। ସମ୍ମିଳନୀରେ ଦେଶରୁ ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବେ ବୋଲି ସୂଚନା ମିଳିଛି।

■ ଅଟୋଚାଳକଙ୍କୁ ଦିଆଗଲା ପ୍ରଶିକ୍ଷଣ

# ମଦ ପିଇ ଗାଡ଼ି ଚଳାଇଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ରାଜଧାନୀରେ ବହୁ ଅଟୋଚାଳକ ବେପରୁଆ ଭାବେ ଗାଡ଼ିଚାଳନା କରୁଛନ୍ତି। ସେମାନେ ୩ରୁ ଅଧିକ ଯାତ୍ରୀଙ୍କୁ ବସାଇ ନେଇପାରିବେ ନାହିଁ। କିନ୍ତୁ କେହି ଏହାକୁ ମାନୁନାହାନ୍ତି। ଏପରିକି ରାସ୍ତା ମଝିରେ ଅଟୋ ଅଟକାଇ ଯାତ୍ରୀଙ୍କୁ ଉଠାଇଛନ୍ତି। ତେଣୁ ଅଟୋଚାଳକ କିଭଳି ଗାଡ଼ି ଚଳାଇବେ ଓ ଟ୍ରାଫିକ ନିୟମ ମାନିବେ ସେନେଇ ସୋମବାର ଭୁବନେଶ୍ୱର ଅଟୋ ମହାସଂଘ ପକ୍ଷରୁ ଜୟଦେବ ଭବନଠାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କେଉଁ ନିୟମ ଉଲ୍ଲଂଘନ କଲେ କେଉଁ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିବ ତାହା ଅଟୋଚାଳକମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଯେଉଁମାନେ ମଦ ପିଇ ଗାଡ଼ି ଚଳାଇବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଓଭରଟେକ ଓ ଓଭରଲୋଡ୍ ନ କରିବା ଏବଂ ଯାତ୍ରୀଙ୍କୁ ଉତ୍ତମ ବ୍ୟବହାର କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ପୋଲିସ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ଦିନ ୨ଶହ ଅଟୋ ଚାଳକଙ୍କୁ ଟ୍ରେନିଂ ଦିଆଯାଇ ଶୃଙ୍ଖଳିତ କରାଯିବ ବୋଲି ସେ କହିଥିଲେ। ସମସ୍ତ ଅଟୋଚାଳକ ନିୟମ ମାନି ଗାଡିଚଳାଇବା ପାଇଁ ମହାସଂଘ ସମ୍ପାଦକ ପଦ୍ମନ ସାମଲ କହିଥିଲେ। ଯେଉଁମାନଙ୍କର ଗାଡ଼ିର କାଗଜପତ୍ର ଠିକ୍ ନାହିଁ ସେମାନେ ଅଟୋ ମହାସଂଘ କାର୍ଯ୍ୟାଳୟଠାରେ ଖୋଲାଯାଇଥିବା ସେବାକେନ୍ଦ୍ରରେ ଆବେଦନ କରିପାରିବେ ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ-୨ ସଞ୍ଜୟ ବେହେରା, ଅଟୋ ମହାସଂଘ କାର୍ଯ୍ୟକାରୀ ସଭାପତି ନବକିଶୋର ମହାନ୍ତି, ଆଇନଜୀବୀ ସୁମନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## କ୍ଷତିଗ୍ରସ୍ତ ଚାଷୀଙ୍କୁ ନଡ଼ିଆ ଚାରା ବଣ୍ଟନ



ୟୁଥ ଫର ସେବାର ସଦସ୍ୟମାନେ ନଡିଆ ଚାରା ବାଣ୍ଟୁଛନ୍ତି।

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ଫନୀ ବାତ୍ୟାରେ ବୃତ୍ତି ହରାଇଥିବା ଚାଷୀମାନଙ୍କୁ ନଡ଼ିଆ ଗଛ ଚାରା ବଣ୍ଟନ କରାଯାଇଛି। ସେବା ଇଣ୍ଟରନ୍ୟାଶନାଲ ଓ ୟୁଥ୍ ଫର ସେବା ଦ୍ୱାରା ମିଳିତ ଭାବେ ଏହି ଚାରା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ଏହାସହ ନଡ଼ିଆ ବେପାର ଉପରେ ମୁଖ୍ୟ ଭାବେ ନିର୍ଭରଶୀଳ ଥିବା ଚାଷୀମାନଙ୍କୁ ସେମାନଙ୍କ ବୃତ୍ତି ଫେରାଇବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ପୂର୍ବରୁ ୟୁଥ୍ ଫର ସେବା ଦ୍ୱାରା ଏ ନେଇ ସର୍ଭେ କରାଯାଇଥିବାବେଳେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରାଯାଇଥିଲା। ଆୟୋଜିତ ଏହି ଚାରା ବଣ୍ଟନ କାର୍ଯ୍ୟକ୍ରମ ଭୁବନେଶ୍ୱର ଉପକଣ୍ଠ (ବାଲିଅନ୍ତା ଓ ବାଲିପାଟଣା)ର ପ୍ରାୟ ୧୬ଟି ଗ୍ରାମରେ ହୋଇଥିଲା। ପ୍ରତ୍ୟେକ ଚାଷୀଙ୍କୁ ୫ଟି ଲେଖାଏଁ ମୋଟ ୨ହଜାର ଚାରା ବଣ୍ଟାଯାଇଛି। କାର୍ଯ୍ୟକ୍ରମରେ ୨୮ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ଏହା ସଫଳ ପରିଚାଳନା କରିଥିଲେ।

## ୪ବର୍ଷ ପରେ ବି ହେଲାନି ରାସ୍ତା ହସ୍ତାନ୍ତର

■ମରଣଯନ୍ତା ପାଲଟିଛି ନଦୀବନ୍ଧ ରାସ୍ତା

ବାଲିଅନ୍ତା,୪।୧୧(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ୧୬ନଂ ଜାତୀୟ ରାଜପଥ ହଂସପାଳ ଛକଠାରୁ କାଚରମାଳ ପର୍ଯ୍ୟନ୍ତ ୬କିମିର କୁଆଖାଇ ନଦୀବନ୍ଧ ରାସ୍ତାଟି ୧୦ଟି ଗ୍ରାମ ପାଇଁ ଜୀବନରେଖା ଅଟେ। ଏହି ରାସ୍ତା ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ଓ ଏହାପାର୍ଶ୍ୱରେ ୨ଟି କଲେଜ, ହାଇସ୍କୁଲ, ଡାକ୍ତରଖାନା, ବ୍ୟାଙ୍କ ଓ ପୋଷ୍ଟଅଫିସ ଆଦି ଥିବାରୁ ସମସ୍ତେ ଏହାକୁ ମୁଖ୍ୟରାସ୍ତା ଭାବେ ବ୍ୟବହାର କରନ୍ତି। ଏହି ପୁରାତନ ନଦୀବନ୍ଧର ଗୁରୁତ୍ୱକୁ ଉପଲବ୍ଧ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୯୧ ନଭେମ୍ବର ୩୦ରେ ହଂସପାଳ ଛକଠାରୁ ଜୟଦେବ ଜଲେଜ ପର୍ଯ୍ୟନ୍ତ ପ୍ରାୟ ୨.୫କିମି ନଦୀବନ୍ଧ ରାସ୍ତାକୁ ଜଳସେଚନ ବିଭାଗ ହାତରୁ ଆଣି ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲେ। ପରମୁହୂର୍ତ୍ତରେ ଏହି ୨.୫କିମି ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରଶସ୍ତୀକରଣ ଓ ସଦୃଢ଼ୀକରଣ କରାଯାଇଥିଲା। କିନ୍ତୁ ଅବଶିଷ୍ଟ ୪କିମି ରାସ୍ତା ପୂର୍ବଭଳି ଦୟନୀୟ ଅବସ୍ଥାରେ ପଡିରହିଛି। ରାସ୍ତାଟିରେ ଗୋଡି, ମାଟି, ପଥର ଉଠି ଯାଇଥିବାବେଳେ ଧୀରେ ଧୀରେ ମରଣଯନ୍ତା ପାଲଟିଯାଉଛି। ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବା ପାଇଁ ୨୦୧୫ଠାରୁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏଯାବତ ସୁଫଳ ହୋଇପାରୁ ନାହିଁ। ଉକ୍ତ ହସ୍ତାନ୍ତର ପ୍ରସ୍ତାବର ଫାଇଲ ଜଳସେଚନ ବିଭାଗ ପାଖରୁ ଯାଇ ପୂର୍ତ୍ତ ବିଭାଗରେ ପଡି ରହିଛି ବୋଲି ଉତ୍ତର- ଭୁବନେଶ୍ୱର ଉନ୍ନୟନ ପରିଷଦର ସମ୍ପାଦକ ଇଂ.ବ୍ରଜବନ୍ଧୁ ପଣ୍ଡା କହିଛନ୍ତି। ଇତି ମଧ୍ୟରେ ୪ବର୍ଷ ହେବାକୁ ବସିଲାଣି କିନ୍ତୁ ଏହି ରାସ୍ତା ହସ୍ତାନ୍ତର ପ୍ରସ୍ତାବର ଏକ ଚିଠି ୧୮ ଜାନୁୟାରୀ ୨୦୧୬ରୁ ମୁଖ୍ୟଯନ୍ତ୍ରୀ(ସିଭିଲ) ଅଫିସରୁ ଯାଇ ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ପାଖରେ ଅଟକି ରହିଥିବା ଜଣାପଡିଛି। ମରାମତି ନ ହୋଇ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଦୀର୍ଘ ବର୍ଷ ହେଲା ଏହି ୫କିମି ରାସ୍ତା ମରାମତି ହେଉ ନ ଥିବାରୁ ଲୋକେ ଯାତାୟାତ ପାଇଁ ନାହି ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ନଦୀବନ୍ଧ ରାସ୍ତାର ମରାମତି ଓ ପ୍ରଶସ୍ତିକରଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ଦୟନୀୟ ଅବସ୍ଥାରେ କୁଆଖାଇ ନଦୀବନ୍ଧ ରାସ୍ତା।

## ଘରେ ପଶି ପୋଲିସ ଗାଳିଗୁଲଜ କରିବା ଅଭିଯୋଗ

### ଡିଜିଙ୍କ କ୍ୟାମ୍ପ ଅଫିସକୁ ଆସି ଜଣାଇଲେ ମହିଳା

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ଜଟଣୀ ଥାନା ଯାଆଁଳା ଫାଣ୍ଡି ଅଞ୍ଚଳରେ ରହୁଥିବା ଲକ୍ଷ୍ମୀପ୍ରିୟା ସୁବୁଦ୍ଧିଙ୍କ ଘରେ ରାତି ଅଧରେ ପୋଲିସ ପଶି ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏପରି କି ବିନା ମହିଳା ପୋଲିସରେ କିଭଳି ଯାଆଁଳା ଫାଣ୍ଡି ଅଧିକାରୀ ଘରେ ପଶି ଯାଞ୍ଚ କଲେ ସେନେଇ ମହିଳା ଜଣକ ପ୍ରଶ୍ନ କରିଛନ୍ତି। ଏପରି କି ପୋଲିସ ଜାଣିଶୁଣି ତାଙ୍କୁ ହଇରାଣ କରୁଥିବା ସେ ଅଭିଯୋଗ କରି ସୋମବାର ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ ଅଫିସକୁ ଆସିଥିଲେ। ହେଲେ ଡିଜିପି କୌଣସି କାରଣରୁ ଭୁବନେଶ୍ୱର ବାହାରକୁ ଯାଇଥିବା ବେଳେ ଅଭିଯୋଗକାରୀ ପୋଲିସ କମିଶନରଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପରିବାର ଲୋକଙ୍କ ସହ ଲକ୍ଷ୍ମୀପ୍ରିୟା ରୁହନ୍ତି। ତାଙ୍କ ଭାଇ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ପୋଲିସ ଏକ ମାମଲା ରୁଜୁ କରି ତାଙ୍କୁ ଧରିବାକୁ ଖୋଜୁଛି। ହେଲେ ଲକ୍ଷ୍ମୀପ୍ରିୟା ଶାଶୁଘରେ ରହୁଥିବାରୁ ସେ ଏନେଇ କିଛି ଜାଣିନାହାନ୍ତି। କିନ୍ତୁ ଗତ ୩୧ ତାରିଖ ରାତିରେ ଯାଆଁଳା ଫାଣ୍ଡି ଅଧିକାରୀ ତାଙ୍କ ଘରେ ଜବରଦସ୍ତ ପଶି ଯାଞ୍ଚ କରିଥିଲେ। ଲକ୍ଷ୍ମୀପ୍ରିୟା ପ୍ରତିବାଦ କରିବାରୁ ତାଙ୍କୁ ଗାଳିଗୁଲଜ କରିଥିବା ସେ କହିଛନ୍ତି। ଏପରି କି ମହିଳାଙ୍କ ସ୍ୱାମୀ ରଞ୍ଜିତ ଉଠି କ'ଣ ହୋଇଛି ପଚାରିବାରୁ, ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ମୋ ସରକାର ଯୋଜନା ଲୋକଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ପାଇଁ ସରକାର କହୁଥିବାବେଳେ ପୋଲିସ କିପରି ଏଭଳି ବ୍ୟବହାର କରୁଛି ବୋଲି ଲକ୍ଷ୍ମୀପ୍ରିୟା ପ୍ରଶ୍ନ କରିଛନ୍ତି।

ଯାଆଁଳା ଫାଣ୍ଡି ଅଧିକାର ସତ୍ୟବ୍ରତ ଗ୍ରହଚାର୍ଯ୍ୟ କହିଛନ୍ତି ଯେ, ମହିଳାଙ୍କ ଭାଇ ଜଣେ ଓକିଲଙ୍କୁ ମାଡ଼ମାରି ମୁଣ୍ଡ ଫଟାଇ ଦେଇଛନ୍ତି। ତାଙ୍କ ନାମରେ ମାମଲା ରହିଛି। ଏମାନେ ତାଙ୍କୁ ଲୁଚାଇ ରଖିଥିବା ଖବର ପାଇ ଯାଞ୍ଚ କରିଥିଲୁ। ଏପରି କି ରଞ୍ଜିତଙ୍କ ନାମରେ ମଧ୍ୟ ମାମଲା ରହିଛି। ତେଣୁ ସେମାନେ ପୋଲିସ୍‌ଠାରୁ ବର୍ତ୍ତିବା ପାଇଁ ମିଥ୍ୟା ଅଭିଯୋଗ କରୁଛନ୍ତି।

## ଥାନାରୁ ହଟିବ ଜବତ ଗାଡ଼ି

■ ଗୋଟିଏ ଜାଗାରେ ରଖାଯିବ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

କମିଶନରେଟ ପୋଲିସ ଅଧୀନ କଟକ ଓ ଭୁବନେଶ୍ୱରର ବିଭିନ୍ନ ଥାନାରେ ପାହାଡ ପରି ଗଦାହୋଇଛି ଜବତ ଗାଡ଼ି। ଏହାଦ୍ୱାରା ଥାନାର ଶୋଭା ନଷ୍ଟ ହେବା ସହ ସେଥିରୁ ପାର୍ଟ୍ସ ଚୋରି ହୋଇଯାଉଛି। ଏହା କୋର୍ଟ ସମ୍ପତ୍ତି ହୋଇଥିବାରୁ ପରବର୍ତ୍ତୀ ସମୟରେ ପୋଲିସ ପାଇଁ ଅଡୁଆ ହେଉଛି। ତେଣୁ କିଭଳି ଏହି ଜବତ ଗାଡିଗୁଡିକ ସୁରକ୍ଷିତ ରଖାଯିବ ସେନେଇ କମିଶନରେଟ ପୋଲିସ ପକ୍ଷରୁ ଏକ ଯୋଜନା କରାଯାଇଛି। ଏଥିପାଇଁ ଭୁବନେଶ୍ୱରରେ ଏକ ଖୋଲାପଡ଼ିଆ ବଛାଯିବ। ସେ ବାବଦରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ଠାରୁ ଅନୁମତି ମିଳିବା ପରେ ଜବତ ଗାଡ଼ିଗୁଡ଼ିକୁ ସେଠାରେ ରଖାଯିବ। ପୋଲିସ କର୍ମଚାରୀ ନିୟୋଜିତ ହେବା ସହ ସିସିଟିଭି କ୍ୟାମେରା ଲଗାଯିବ। ଜଣେ ପୋଲିସ ଅଧିକାରୀ ଏହାର ତଦାରଖ ଦାୟିତ୍ୱରେ ରହିବେ। ଗାଡିଗୁଡିକର ନମ୍ବର, ମାଲିକଙ୍କ ନାମ ସମେତ ଅନ୍ୟାନ୍ୟ ତଥ୍ୟ ସମ୍ବଳିତ ଏକ ତାଲିକା ସେଠାରେ ରଖାଯିବ। କୌଣସି ବ୍ୟକ୍ତି ତାଙ୍କ ଗାଡ଼ି ଚୋରି ହୋଇଥିଲେ ସେଠାରୁ ସେ ତଥ୍ୟ ସଂଗ୍ରହ କରିପାରିବେ। କଟକରେ ମଧ୍ୟ ଏଭଳି ବ୍ୟବସ୍ଥା କରାଯିବ। ଏଯାଏ ଜାଗା ଚିହ୍ନଟ ହୋଇ ନ ଥିଲେ ମଧ୍ୟ ଏହି ଯୋଜନା ବାବଦରେ କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଅପରାଧ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଥିଲା।

## ସିଣ୍ଡିକେଟ ବ୍ୟାଙ୍କର ସତର୍କତା ସଚେତନତା



ଭୁବନେଶ୍ୱର,୪।୧୧

ସିଣ୍ଡିକେଟ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ-୧ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ଏବଂ କଲେଜ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାଗମରାସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିବିଆଇ ଭୁବନେଶ୍ୱରର ଡିଏସ୍‌ପି ଏନ୍.ସି. ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସତର୍କତା ଉପରେ ସାହୁ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ କ୍ଷେତ୍ରୀୟ କାର୍ଯ୍ୟାଳୟ-୧ ଏବଂ ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।





ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ଓ ବନ ବିଭାଗ ପକ୍ଷରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଦ୍ୱାଦଶ କଳିଙ୍ଗ ହର୍ବାଲ ମେଳାକୁ ସୋମବାର ଉଦ୍‌ଘାଟନ ଅବସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଅନ୍ୟ ଅତିଥିମାନେ ଷ୍ଟଲ୍ ବୁଲି ଦେଖୁଛନ୍ତି।

## ମହିଳା ଆନ୍ତଃ ମହାବିଦ୍ୟାଳୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାରଙ୍ଗ,୪।୧୧(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ମହାବିଦ୍ୟାଳୟ ଖେଳ ପଡ଼ିଆରେ ତିନିଦିନ ଧରି ଚାଲିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ମହିଳା ଆନ୍ତଃ ମହାବିଦ୍ୟାଳୟ କବାଡି ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୪୧୫ଟି ମହାବିଦ୍ୟାଳୟ ଭାଗ ନେଇଥିଲେ। ସେଥିରୁ ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟ, ଆର୍.ଏମ୍.ଡି. ମହାବିଦ୍ୟାଳୟ, ପଟିଆ, ଧର୍ମଶାଳା ମହାବିଦ୍ୟାଳୟ, ଜିପିଇ ମହାବିଦ୍ୟାଳୟ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାଲ ମ୍ୟାଚ୍‌କୁ ବାରଙ୍ଗ ଓ ଜିପିଇ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିପିଇ କଲେଜକୁ ୩୩-୨୦ରେ ପରାସ୍ତ କରି କୁଞ୍ଜବିହାରୀ କଲେଜ ଚାମ୍ପିୟନ ହୋଇଛି। ଯାହା ଦ୍ୱିତୀୟଥର ଉତ୍କଳ ବିଶ୍ୱବିଦ୍ୟାଳୟ ମହିଳା କବାଡି ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଆଖ୍ୟା ବଜାୟ ରଖିଛି। ଏହି ଉଦ୍‌ଯାପନୀ ଉତ୍ସବରେ କଲେଜର ଅଧ୍ୟକ୍ଷ ପ୍ରଫେସର ବିମଳ ଚରଣ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ କାଉନ୍‌ସିଲର ନିର୍ଦ୍ଦେଶକ ମହେଶ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ମହାବିଦ୍ୟାଳୟର ଆଥ୍‌ଲେଟିକ୍ ସୋସାଇଟିର ଉପସଭାପତି ପ୍ରଫେସର ସୂର୍ଯ୍ୟକାନ୍ତ ପଣ୍ଡା ଯୋଗ ଦେଇଥିଲେ। ମହାବିଦ୍ୟାଳୟର କ୍ରୀଡା ଅଧ୍ୟାପକ ପ୍ରବୀର କୁମାର ମହାନ୍ତିଙ୍କ ନେତୃତ୍ୱରେ ଅଧ୍ୟାପକ ପ୍ରଫେସର ସୁଧାଂଶୁ ଲେଙ୍କା, ପ୍ରକାଶ ପରିଡା, ବଟକୃଷ୍ଣ ବେହେରା, ଡ. ସୁରେନ୍ଦ୍ର ସାହୁ, ଅଧ୍ୟାପିକା ଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।





ଅତିଥିଙ୍କ ଗହଣରେ ବିଜୟୀ ଟିମ୍ ଓ ଅନ୍ୟମାନେ।

■ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କର୍ତ୍ତୃପକ୍ଷଙ୍କ ବେଖାତିର

# ପାର୍କିଂ ସ୍ଥଳରୁ ଜବରଦଖଲ ଉଚ୍ଛେଦ ଦାବି

■ବିଭାଗ ମଧ୍ୟରେ ଦୋଷ ଲଦାଲଦି
■୨ମାସ ପରେ ବି ଉଚ୍ଛେଦ ହେଉନି

ଭୁବନେଶ୍ୱର,୪।୧୧ (ବ୍ୟୁରୋ)

ନୟାପଲ୍ଲୀସ୍ଥିତ ଇନ୍ଦ୍ରଧନୁ ମାର୍କେଟର ବହୁ ସ୍ଥାନ ଏବେ ଜବରଦଖଲରେ ରହିଛି। ଏପରି କି ମାର୍କେଟ ଭିତରେ ଗାଡିମୋଟର ରଖିବାକୁ ସ୍ଥାନ ନାହିଁ। ପାର୍କିଂ ପାଇଁ ସ୍ଥାନ ଚିହ୍ନଟ କରିବା ସହ ସେମାନଙ୍କୁ ସ୍ଥାନ ଯୋଗାଇବା ପାଇଁ ମାର୍କେଟର କର୍ମକର୍ତ୍ତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ସେହି ସ୍ଥାନରେ ଗୋଟିଏ ମାସ ଭିତରେ ସ୍ଥାନ ଯୋଗାଇ ଦେବା ସହ ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବାକୁ ନୟାପଲ୍ଲୀ ଥାନାକୁ ମଧ୍ୟ ଜଣାଇଥିଲେ। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଅଧିକାରୀଙ୍କ ସହ ଆଲୋଚନା ପରେ ସେଠାରେ ପାର୍କିଂ ପାଇଁ ସ୍ଥାନ ଯୋଗାଇ ଦେବାକୁ କହିଥିଲେ। କିନ୍ତୁ ଏହିକଥାକୁ ଅଢେଇ ମାସ ବିତିଯାଇଥିଲେ ମଧ୍ୟ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ବ୍ୟବସାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ସେମାନେ ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀଙ୍କ ନିକଟକୁ ଏକ ଅଭିଯୋଗପତ୍ର ପଠାଇଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ମାର୍କେଟର ୨୬୮ଜଣ ବ୍ୟବସାୟୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏଥିସହ କାର୍ଯ୍ୟରେ ଅନିୟମିତତା ପାଇଁ ବିଏମ୍‌ସିର କିଛି କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଥିବା ଅଭିଯୋଗ କରିଛନ୍ତି। ବିନା ଆଲଟମେଣ୍ଟରେ କ୍ଷୁଦ୍ରବ୍ୟବସାୟୀଙ୍କ ଠାରୁ ବିଏମ୍‌ସି କିପରି ପଇସା ନେଉଛି ସେନେଇ ସେମାନେ ପ୍ରଶ୍ନ କରିବା ସହ ବିଏମ୍‌ସି ଦ୍ୱାରା ପାର୍କିଂ ପାଇଁ ଆକ୍ସନ କରାଯାଇଥିବା ସ୍ଥାନରେ ଏଯାବତ୍ କାହିଁକି ପାର୍କିଂ ଆରମ୍ଭ ହୋଇପାରି ନାହିଁ, ବିଏମ୍‌ସିର କିଛି ଅଧିକାରୀ କ୍ଷୁଦ୍ରବ୍ୟବସାୟୀଙ୍କଠାରୁ ଅର୍ଥ ଆଦାୟ କରିବା ଆଦି ଅଭିଯୋଗକୁ ସେମାନେ ସେଥିରେ ଉଲ୍ଲେଖ କରିଛନ୍ତି।



ବିଡିଏ ଉପାଧ୍ୟକ୍ଷଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଇନ୍ଦ୍ରଧନୁ ମାର୍କେଟର କର୍ମକର୍ତ୍ତା।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମ ଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଗିରଫ ନିରାକାରଙ୍କୁ ଖଲାସ ପାଇଁ ଦାବିପତ୍ର

**ପୁରୀ ଅଫିସ, ୪।୧୧:** ବଡ଼ଗଡ଼ ପୋଲିସ ସିପିଆଇ(ଏମ୍ଏଲ୍)ର ସୋରଡ଼ା ବିଧାୟକ ପ୍ରାର୍ଥୀ ନିରାକାର ନାୟକଙ୍କୁ ଗତ ୧ ତାରିଖରେ ଗିରଫ କରିଛି। ଏହାକୁ ପୁରୀ ଜିଲା କମିଟି ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ୨୦୧୧ରେ ଏକ ପୁରୁଣା କେସ୍‌ରେ ବେଆଇନ ଭାବେ ନିରାକାରଙ୍କୁ ଗିରଫ କରାଯାଇଛି। ସେ ୨୦୧୧ରୁ ଗିରଫ ହୋଇ ୨୦୧୫ ପର୍ଯ୍ୟନ୍ତ ଜେଲରେ ଥିଲେ। ସେତେବେଳେ ତାଙ୍କ ନାମରେ କେସ୍ ଦିଆଗଲା ନାହିଁ କାହିଁକି? ଓଡ଼ିଶା ହାଇକୋର୍ଟ ୨ଟି କେସ୍‌ରେ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି ଓ ୨ଟି କେସ୍‌ରେ ଦୌରାଜଜ୍ ଖଲାସ କରିଛନ୍ତି। ୨୦୧୫ରେ ଜେଲ୍‌ରୁ ମୁକୁଳିବା ପରେ ସେ ଶାନ୍ତିପୂର୍ଣ୍ଣ ଭାବେ ଗଣତାନ୍ତ୍ରିକ ପଦ୍ଧତିରେ ଦଳିତ ଆଦିବାସୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ଗତ ସାଧାରଣ ନିର୍ବାଚନରେ ସୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହା ପଛରେ ଏକ ଚକ୍ରାନ୍ତ କାର୍ଯ୍ୟ କରୁଛି। ତେଣୁ ନିରାକାରଙ୍କୁ ତୁରନ୍ତ ନିଃସର୍ତ୍ତ ଖଲାସ କରିବା ପାଇଁ ପୁରୀ ଜିଲା କମିଟି ସମ୍ପାଦକ ଅଙ୍କ ମୋହନ ନାଇଡୁ କହିଛନ୍ତି।

## ■ ଫନୀ କ୍ଷତିଗ୍ରସ୍ତ ପରିବାରକୁ ପକ୍କାଘର ପ୍ରଦାନରେ ପାତରଅନ୍ତର

# ଲୋକାୟୁକ୍ତ ଅଫିସ ଘେରିଲେ ଶତାଧିକ କ୍ଷତିଗ୍ରସ୍ତ

- ■ ଅଭିଯୋଗପତ୍ର ଦେଇ ନ୍ୟାୟ ନିବେଦନ କଲେ ୮ ବ୍ଲକ୍‌ର ଲୋକେ
- ■ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଘର ଯୋଗାଇବାକୁ ଦାବି

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ଫନୀ ବାତ୍ୟାରେ ପୁରୀ ଜିଲାରେ ହଜାର ହଜାର ଘର ମାଟିରେ ମିଶିଯାଇଥିଲା। ବାତ୍ୟାର ୬ ମାସ ପରେ ବି କେତେକ ପରିବାର ଠିକ୍ ଭାବେ ମୁଣ୍ଡ ଗୁଞ୍ଜିପାରିନାହାନ୍ତି। ଏପରିସ୍ଥଳେ କ୍ଷତିଗ୍ରସ୍ତ ପରିବାରକୁ ପକ୍କାଘର ପ୍ରଦାନରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଘର ପାଇବାରୁ ବଞ୍ଚିତ ପରିବାର ଏନେଇ ପଞ୍ଚାୟତ, ବ୍ଲକ୍‌ଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଶେଷରେ ପୁରୀ ଜିଲାର ସତ୍ୟବାଦୀ, କଣାସ, ବ୍ରହ୍ମଗିରି, ପୁରୀ ସଦର, ଡେଲାଙ୍ଗ, ନିମାପଡା, କାକଟପୁର ଓ ଗୋପ ବ୍ଲକ୍‌ର ଶତାଧିକ କ୍ଷତିଗ୍ରସ୍ତ ପରିବାର ସୋମବାର ଭୁବନେଶ୍ୱର ଆସି ସତ୍ୟନଗରସ୍ଥିତ ତୋଷାଳି ଭବନସ୍ଥିତ ଲୋକାୟୁକ୍ତ ଅଫିସ ଘେରିଥିଲେ। ଏହାପରେ ଏକ ପ୍ରତିନିଧି ଦଳ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗପତ୍ର ପ୍ରଦାନ କରି ନ୍ୟାୟ ନିବେଦନ କରିଥିଲେ।



କ୍ଷତିଗ୍ରସ୍ତମାନେ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସାରଙ୍ଗଯୋଡି ପଞ୍ଚାୟତର ପ୍ରକାଶ କୁମାର ଭୋଇ କହିଛନ୍ତି, ଗତ ମେ ୩ରେ ହୋଇଥିବା ଫନୀ ବାତ୍ୟାରେ ଅନେକଙ୍କ କଚ୍ଚା ଓ ଚାଳଘର ଭାଙ୍ଗିଯାଇଛି। ସରକାରଙ୍କ ତରଫରୁ ବିଭିନ୍ନ ଅଧିକାରୀ ବାରମ୍ବାର ଗସ୍ତ କରି ସର୍ଭେ କରିଥିଲେ। ଜୁଲାଇ ୨୫ରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶିତ ତାଲିକାରେ ସେମାନଙ୍କର ପକ୍କାଘର ଥିବା ଓ ଆଂଶିକ ଭାଙ୍ଗିଯାଇଥିବା ଦର୍ଶାଯାଇଥିଲା। ଏହାକୁ ବିରୋଧ କରାଯିବା ପରେ ପୁଣି ତ୍ରୁଟି ସଂଶୋଧନ ପାଇଁ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନ, ସର୍ଭେ ସତ୍ତ୍ୱେ ପୁଣି ପକ୍କା ଘର ଆଂଶିକ ଭାଙ୍ଗିଥିବା ଦର୍ଶାଇ କ୍ଷତିପୂରଣ ବାବଦକୁ ୫ ହଜାର ଶହେ ଟଙ୍କା ଆକାଉଣ୍ଟକୁ ଆସିଥିଲା। ଏହି ଟଙ୍କାରେ ଆମେ କି ଘର କରିବୁ ବୋଲି ପ୍ରକାଶଙ୍କ ସହ ଅନ୍ୟମାନେ ପ୍ରଶ୍ନ କରିଛନ୍ତି। ସେହିଭଳି ଆବାସ ଯୋଜନାରେ ମିଳୁଥିବା ଘର ପ୍ରକୃତ କ୍ଷତିଗ୍ରସ୍ତ ଲୋକଙ୍କୁ ଦିଆଯାଇନି। ସେମାନଙ୍କ ଅଭିଯୋଗ ହେଲା, ପୁରୀର ଅନେକ ଗରିବ ପରିବାର ରାସ୍ତାକଡରେ ପାଲ ଟାଣି ରହୁଥିଲେ ମଧ୍ୟ ସେମାନଙ୍କ କ୍ଷତିପୂରଣ ଓ ପକ୍କା ଘର ଦିଆଯାଇନି। ସବୁଠୁ ବଡ଼ କଥା ହେଲା ଯେଉଁମାନଙ୍କ ନା ତାଲିକାରେ ନାହିଁ ସେମାନଙ୍କୁ ପକ୍କା ଘର ଦିଆଯାଇଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ପକ୍କା ଘର ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁର ସରପଞ୍ଚ ସୁବାଶିଷ ରଥ କହିଛନ୍ତି, ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ ମଧ୍ୟ ତାଲିକାରେ ଆଂଶିକ ବୋଲି ଦର୍ଶାଯାଇଛି। ଚାଳ ଘର ଥିବା ଲୋକଙ୍କର ପକ୍କାଘର ବୋଲି ଦର୍ଶାଯାଇଛି। ଫଳରେ ପ୍ରକୃତ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇ ପାରୁନାହାନ୍ତି। ତେଣୁ ବାଧ ହୋଇ ଲୋକାୟୁକ୍ତଙ୍କ ନିକଟରେ ଶତାଧିକ କ୍ଷତିଗ୍ରସ୍ତ ପରିବାର ଅଭିଯାଗ କରିଛନ୍ତି।

### ରାଷ୍ଟ୍ରକୁ ଭଲ ପାଅ, ସାମାଜିକ କାର୍ଯ୍ୟରେ ବ୍ରତୀ ହୁଅ

**ପୁରୀ ଅଫିସ, ୪।୧୧:** ଭାରତ ବିକାଶ ପରିଷଦ ଆନୁକୂଲ୍ୟରେ 'ଭାରତ କୋ ଜାନୋ' କାର୍ଯ୍ୟକ୍ରମ ସିଟି ରୋଡ ସ୍ଥିତ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ପରିଷଦର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବାଞ୍ଚଳ ସଚିବ ଦୀପକ ରୁଇଆ, ପ୍ରାନ୍ତୀୟ ଅଧ୍ୟକ୍ଷ ଶୁଭାଶିଷ କର, ସାମାଜିକକର୍ମୀ ରାଜକିଶୋର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୪ଟି ଟିମ୍ ଅଂଶଗ୍ରହଣ କରିଥିଲେ। କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଉପରେ ପର୍ଯ୍ୟବେକ୍ଷିତ ଏହି ପ୍ରତିଯୋଗିତାକୁ କୁଇଜ୍ ମାଷ୍ଟର ପଦ୍ମନାଭ ପଣ୍ଡା ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରିହର ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ ଯେ, ମାତୃଭୂମିକୁ ଭଲ ପାଅ। ରାଷ୍ଟ୍ରଧର୍ମ ହେଉଛି ଶ୍ରେଷ୍ଠ ଧର୍ମ। ସାମାଜିକ କାର୍ଯ୍ୟରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ। ପରିଷଦର ଜଗତମୋହନ ପଟ୍ଟନାୟକ, ବସନ୍ତ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରଦୀପ୍ତ କୁମାର ମହାରଣା, ସୁପ୍ରୀତି ରଥ, ଗୌରାଙ୍ଗ ଚନ୍ଦ୍ର ମିଶ୍ର, ଲାଲା ଅନନ୍ତ କୁମାର ସିଂ ପ୍ରମୁଖ ପରିଚାଳନା କରିଥିଲେ।

## ବଡ଼ ଠାକୁରଙ୍କ ହରିହର ବେଶ

**ପୁରୀ ଅଫିସ, ୪।୧୧:** ରତ୍ନସିଂହାସନରେ ସୋମବାର ବଡ଼ ଠାକୁର ବଳଭଦ୍ର ହରିହର ବେଶରେ ଦର୍ଶନ ଦେଇଛନ୍ତି। ଏଥି ପାଇଁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ବଳଭଦ୍ରଙ୍କୁ ସଜାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧା ଦାମୋଦର ବେଶରେ ଦର୍ଶନ ଦେଇଥିଲେ। ବଡଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବାବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରସ୍ଫୁଟିତ ହୋଇଥିଲା। ଶାସ୍ତ୍ରରେ ମଧ୍ୟ ହରି ଏବଂ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ଏହି ବେଶରେ ଠାକୁର ଅର୍ଦ୍ଧେକ କଳା ଓ ଅର୍ଦ୍ଧେକ ଧଳା ବସ୍ତ୍ରରେ ଭୂଷିତ ହୋଇଥିଲେ। ବଡ଼ ଠାକୁର ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ। କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡେ ସେହିଦିନ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଗୋଟିଏ ଦିନ ହରିହର ବେଶ ପଡିଛି।



ଗୋଷ୍ଠାଷ୍ଟମୀରେ ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଗୋବର୍ଦ୍ଧନ ପୀଠରେ ଗୋପୂଜନ କରୁଛନ୍ତି।

## ପୁରୀ ରେଳ ଷ୍ଟେଶନରୁ ଆମେରିକା

### ନୂଆ ପରିଚୟ ପାଇଲା ଶିଖା

କଣାସ,୪।୧୧(ସ୍ୱ.ପ୍ର.)

ସେଦିନର କୁଆଁ କୁଆଁ ଶବ୍ଦ ଆଜି ସମସ୍ତଙ୍କ ମୁହଁରେ ହସ ଫୁଟାଇଦେଇଛି। ଅଲୋଡା ଶିଖା ଏବେ ଆମେରିକୀୟ ଦମ୍ପତିଙ୍କ ଅଲିଅଳି କନ୍ୟା। ପୁରୀ ରେଳ ଷ୍ଟେଶନରୁ ୨୨ମାସ ତଳେ ଉଦ୍ଧାର ହୋଇଥିବା ଶିଖା ଆଜି ଆମେରିକାର ବାସିନ୍ଦା।

୨୦୧୮ ମାର୍ଚ୍ଚ ୨୬ତାରିଖ ଦିନ ହାଓଡାରୁ ଆସୁଥିବା ଜଗନ୍ନାଥ ଏକ୍ସପ୍ରେସ୍ ପୁରୀ ରେଳ ଷ୍ଟେଶନ ୭ନମ୍ବର ପ୍ଲାଟର୍ଫମରେ ଲାଗିଥିଲା। ସମସ୍ତେ ଯାତ୍ରୀ ବାହାରି ଯାଇଥିବାବେଳେ ଏସି କୋଚ୍ ଭିତରେ ଏକ ଜନ୍ମିତ ଶିଶୁକନ୍ୟା ପଡିଥିବା ଦେଖି ପୁରୀ ଶିଶୁ ମଙ୍ଗଳ ସମିତିକୁ ଜଣାଇ ଦିଆଯାଇଥିଲା। ଖବରପାଇ ପୁରୀ ଶିଶୁ ମଙ୍ଗଳ ଅଧିକାରୀ ମନୋଜ କୁମାର ତ୍ରିପାଠୀ ଷ୍ଟେଶନରେ ପହଞ୍ଚି ଶିଶୁକନ୍ୟାଟିକୁ ଉଦ୍ଧାର କରିଥିଲେ। ଲାଳନପାଳନ ପାଇଁ କଣାସ ବ୍ଲକ ଦୟାବିହାରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଶିଶୁ ଗୃହକୁ ପଠାଇଥିଲେ। ପରେ ପ୍ରତିଷ୍ଠାନ ପକ୍ଷରୁ ଶିଶୁଟିର ନାମ ଶିଖା ରଖାଯାଇଥିଲା। କିନ୍ତୁ ଶିଶୁଟିର ଶାରୀରିକ ବିକଳାଙ୍ଗ ଥିବାରୁ ଅନୁଷ୍ଠାନ ପକ୍ଷରୁ କଟକ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା। ଶିଶୁରୋଗ ବିଶେଷଜ୍ଞ ଡ. ସୁଧୀର କୁମାର ମହାପାତ୍ର ଶିଖାର ଚିକିତ୍ସା କରିଥିଲେ। ଇତି ମଧ୍ୟରେ ଆମେରିକାର ଟୋନି ଜେମ୍‌ସେ ମଉଲାଦିନ୍, କ୍ଲାରାଟେଲରମାଉଲ୍ ଦିନ୍ ଏକ ଝିଅକୁ ପୌଷ୍ୟସନ୍ତାନ ଗ୍ରହଣ କରିବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। ତେବେ ନୀଳାଚଳ ସେବା ପ୍ରତିଷ୍ଠାନ ଆମେରିକା ଦମ୍ପତିର ସନ୍ତାନ ଗ୍ରହଣ ଯୋଗ୍ୟ ବିବେଚିତ ଥିବା ଦେଖି ଶିଖା ବିଷୟରେ ଜଣାଇଥିଲେ। ଶିଖା ଜଣେ ଦିବ୍ୟାଙ୍ଗ ଥିବା ଜାଣିବା ପରେ ମଧ୍ୟ ଆମେରିକା ଦମ୍ପତି ଜଣକ ପୌଷ୍ୟ ସନ୍ତାନ ରୂପେ ଗ୍ରହଣ କରିବା ପାଇଁ ସମସ୍ତ କାଗଜପତ୍ର ଅଦାଲତକୁ ଦେଇଥିଲେ। ପରେ ଅଦାଲତ ଓ ସେବା ପ୍ରତିଷ୍ଠାନ ପକ୍ଷରୁ ମଞ୍ଜୁରୀ ମିଳିବା ପରେ ଗତ ୨ତାରିଖ ଦିନ ଉକ୍ତ ଆମେରିକା ଦମ୍ପତି ନୀଳାଚଳ ସେବା ପ୍ରତିଷ୍ଠାନରେ ପହଞ୍ଚି ଶିଖାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ଏହି ସମୟରେ ପୁରୀ ଶିଶୁ ଅଧିକାରୀ ମନୋଜ କୁମାର ତ୍ରିପାଠୀ, ନୀଳାଚନ ସେବା ପ୍ରତିଷ୍ଠାନର ଶିଶୁ ଗୃହ ଅଧକ୍ଷା ପ୍ରିୟଙ୍କା ପ୍ରିୟଦର୍ଶନୀ, ଷ୍ଟାଫ ନର୍ସ ସୁକାନ୍ତି ସେଠୀ ଓ ଶିଖାକୁ ଲାଳନପାଳନ କରୁଥିବା ସମସ୍ତ ଗୃହମାତାଙ୍କ ଉପସ୍ଥିତ ରହି ଖୁସି ଅନୁଭବ କରିଥିଲେ।



ଆମେରିକୀୟ ଦମ୍ପତିଙ୍କ ସହ ଶିଖା।

## ୧୮୫ ପ୍ଲଟର ଜମି ହସ୍ତାନ୍ତର ଆଶା ରଖିଛି ପ୍ରଶାସନ

### ଶ୍ରୀମନ୍ଦିର ସୁରକ୍ଷା ଜୋନ

ପୁରୀ ଅଫିସ, ୪।୧୧

ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ଜମି ଅଧିଗ୍ରହଣ ଚାଲିଛି। ସୁରକ୍ଷା ଜୋନରେ ଥିବା ଲୋକଙ୍କ ମଧ୍ୟରେ ଅନେକ ସ୍ୱେଚ୍ଛାକୃତ ଭାବେ ଜମି ହସ୍ତାନ୍ତର କରିବା ଲାଗି ପ୍ରଶାସନକୁ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୩ଟି ପ୍ଲଟର ବିକ୍ରି କବଲା ସରିଯାଇଛି। ଆଗକୁ ପ୍ରତ୍ୟକ୍ଷ ଜମି ବିକ୍ରି ଧାରା ତ୍ୱରାନ୍ୱିତ ହେବ ବୋଲି ଜିଲାପାଳ କହିଛନ୍ତି। ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ ବଲଓ୍ୱନ୍ତ ସିଂ କହିଛନ୍ତି, ସୁରକ୍ଷା ଜୋନରେ ଥିବା ମୋଟ ୧୮୫ ପ୍ଲଟ ମଧ୍ୟରୁ ୨୩ଟି ପ୍ଲଟର ସେଲ୍ ଡିଡ୍ ସରିଛି। ସ୍ୱେଚ୍ଛାକୃତ ଭାବେ ସମ୍ପୃକ୍ତ ପରିବାର ମହାପ୍ରଭୁଙ୍କ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର କରିଛନ୍ତି। ଏଥିମଧ୍ୟରେ ଗୋଟିଏ ଲଜ୍‌ର ମଧ୍ୟ ବିକ୍ରି କବଲା ଶେଷ ହୋଇଛି। ଆସନ୍ତା ୩ ଦିନ ମଧ୍ୟରେ ଆହୁରି ୪/୫ଟି ଲଜ୍‌ର ସେଲ୍ ଡିଡ୍ କରାଯିବ। ସମ୍ପୃକ୍ତ ଲଜ୍ କ୍ଷତିଗ୍ରସ୍ତଙ୍କୁ ବଗଲା ଧର୍ମଶାଳାରେ ଥଇଥାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଭିତର ସେବାୟତ ନିଯୋଗ ୧୮ ଡେସିମିଲ ଜମି ଏବଂ ଏହା ଉପରେ ଥିବା କୋଠାକୁ ସରକାରଙ୍କୁ ହସ୍ତାନ୍ତର କରିଛନ୍ତି। ପ୍ରତିବଦଳରେ ନିଯୋଗକୁ କ୍ଷତିପୂରଣ ସହାୟତା ପ୍ରଦାନ କରାଯାଇଛି। ପ୍ରତିହାରୀ ନିଯୋଗ ମଧ୍ୟ ରବିବାର ନିଷ୍ପତ୍ତି ନେଇଛନ୍ତି। ଖୁବ୍ ଶୀଘ୍ର ତାଙ୍କର ସେଲ୍ ଡିଡ୍ ହେବାକୁ ଯାଉଛି। ତେବେ ସେଲ୍ ଡିଡ୍ ଯେଉଁଦିନ କରାଯାଉଛି ସହିଦିନ କିପରି ଲୋକମାନଙ୍କୁ କ୍ଷତିପୂରଣ ସହାୟତା ମିଳିବ ତା ଉପରେ ପ୍ରାଥମିକତା ଦିଆଯାଇ କାମ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଯେଉଁମାନେ ସରକାରଙ୍କୁ ପ୍ରତ୍ୟକ୍ଷ ଜମି ବିକ୍ରି କରିଛନ୍ତି ସେମାନଙ୍କୁ କ୍ଷତିପୂରଣ ସହାୟତା ଦିଆଯାଇଛି। ତେବେ ସୁରକ୍ଷା ଜୋନର ସମସ୍ତ ୧୮୫ ପ୍ଲଟ ହସ୍ତାନ୍ତର ହୋଇଯିବ ବୋଲି ଆଶା ରଖିଛୁ ବୋଲି ଜିଲାପାଳ କହିଛନ୍ତି।

### ଟା ପାଇଁ ଚାପୁଡ଼ା
## ଆଶ୍ରୟସ୍ଥଳୀରୁ ବିଦା ହେଲେ ହବିଷିଆଳି

**ପୁରୀ ଅଫିସ, ୪।୧୧:** ଚା ପାଇଁ ଚାପୁଡ଼ା ମାରିବା ଜଣେ ହବିଷିଆଳିଙ୍କୁ ମହଙ୍ଗା ପଡିଛି। କାର୍ତ୍ତିକ ମାସ ଶେଷ ହେବାକୁ ଆଉ ମାତ୍ର ୮ ଦିନ ରହିଥିବାବେଳେ ନିଜ ବ୍ୟବହାର ପାଇଁ ସେ ଶ୍ରୀକ୍ଷେତ୍ର ଛାଡିଛନ୍ତି। ସୋମବାର ପରିବାର ଲୋକଙ୍କୁ ଡକାଯାଇ ସମ୍ପୃକ୍ତା ହବିଷିଆଳିଙ୍କୁ ତାଙ୍କ ଜିମାରେ ଛଡାଯାଇଛି। ଏମିତି ଏକ ଅପ୍ରୀତିକର ଘଟଣା ଘଟିଛି ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳୀରେ। ସୋମବାର ସକାଳେ ଆଶ୍ରୟସ୍ଥଳୀରେ ହବିଷିଆଳିମାନଙ୍କୁ ଚା ପ୍ରଦାନ କରାଯାଉଥିଲା। ଚା ବଣ୍ଟନ ଦାୟିତ୍ୱ ନେଇଥିବା ସଂସ୍ଥାର ପିଲାମାନେ ଚା ପ୍ରଦାନ କରୁଥିଲେ। ଟାଙ୍ଗୀ ଅଞ୍ଚଳର ୫୯ ବର୍ଷୀୟା ଜଣେ ମହିଳା ଚା ନେଇ ପିଇଥିଲେ। ଦ୍ୱିତୀୟଥର ପାଇଁ ପୁଣି ଚା ମାଗିଥିଲେ। ମାତ୍ର ଚା ପ୍ରଦାନ କରୁଥିବା ଯୁବକ ଆପଣ ଏବେ ଚା ନେଇଥିଲେ ବୋଲି କହିବାରୁ ଏଥିରେ ସମ୍ପୃକ୍ତା ହବିଷିଆଳି ଉତ୍ତ୍ୟକ୍ତ ହୋଇପଡିଥିଲେ। ହଠାତ୍ ସେ ଚା ଦେଉଥିବା ଯୁବକଙ୍କ ଗାଲକୁ ଚାପୁଡ଼ା ମାରିଥିଲେ। ଏହାକୁ ନେଇ ସମ୍ପୃକ୍ତ ଯୁବକ ଜଣଙ୍କ ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ। ପୂର୍ବରୁ ମଧ୍ୟ ସମ୍ପୃକ୍ତା ହବିଷିଆଳି ଥରେ ଅନ୍ୟ ଜଣଙ୍କ ସହ ଯୁକ୍ତିତର୍କ କରିଥିଲେ। ସେଥିପାଇଁ ତାଙ୍କ ଉପରେ ନଜର ରଖାଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ସୋମବାର ଘଟଣା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା।

## ଶ୍ରୀମନ୍ଦିର ସଂସ୍କାର ମାମଲା

# ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ

**ପୁରୀ ଅଫିସ, ୪।୧୧: ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମକୋର୍ଟ ମଧ୍ୟବର୍ତ୍ତିକାଳୀନ ରାୟ ପ୍ରକାଶ କରି ୨୨ଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶ୍ରୀମନ୍ଦିର ଲାଗି ଜଣେ ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତି, ଦର୍ଶନ ଲାଗି ଆସୁଥିବା ୬୦ହଜାର ଭକ୍ତଙ୍କ ସକାଶେ ରହିବା ବନ୍ଦୋବସ୍ତ, ନାଳନର୍ଦ୍ଦମା ପାଣି ପାଇଁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଲାଗି ଉଭୟ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ମିଳିତ ଭାବେ ସ୍କୁଲ ପ୍ରତିଷ୍ଠା ଲାଗି ରାୟରେ ଉଲ୍ଲେଖ ରହିଛି। ମହିଳା ଶ୍ରଦ୍ଧାଳୁଙ୍କ ପ୍ରତି ଉତ୍ତମ ବ୍ୟବହାର ସହ ଚୋରି, ଡକାୟତି ରୋକିବା ଦିଗରେ ପଦକ୍ଷେପ ନେବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶ୍ରୀକ୍ଷେତ୍ରରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସେବାୟତ, ମଠାଧୀଶ, ବୁଦ୍ଧିଜୀବୀ, ଗବେଷକ ଓ ଭକ୍ତଙ୍କ ପ୍ରତିକ୍ରିୟା ନେଇ ମତାମତଭିତ୍ତିକ ଉପସ୍ଥାପନା.......**

### ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ହେବ



ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ମଧ୍ୟବର୍ତ୍ତିକାଳୀନ ରାୟ ନିଶ୍ଚିତ ସ୍ୱାଗତଯୋଗ୍ୟ। ବିଭିନ୍ନ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଲାଗି ଶିକ୍ଷାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ଦେଶ ତଥା ବିଦେଶରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଘଟିବ। ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ସମ୍ପର୍କରେ ଜାଣିବା ଲାଗି ଭକ୍ତଙ୍କ ମହଲରେ ଉତ୍କଣ୍ଠା ପ୍ରକାଶ ପାଇବ।

**ଡ. ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**

### ରୀତିନୀତି ଠିକ୍ ଭାବେ ପରିଚାଳନା ହେବ



ଶ୍ରୀମନ୍ଦିର ସଂସ୍କାର ପ୍ରସଙ୍ଗରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ସ୍ୱାଗତ କରୁଛି। ଏହା ଦ୍ୱାରା ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆସିବା ସହିତ ଶୃଙ୍ଖଳିତ ଦର୍ଶନ ହୋଇପାରିବ। ଶ୍ରୀମନ୍ଦିର ଲାଗି ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ରହିଲେ ଶ୍ରୀମନ୍ଦିରର ଦୈନନ୍ଦିନ ରୀତିନୀତି ଠିକ୍ ଭାବେ ପରିଚାଳନା ହୋଇପାରିବ। ନୀତିକାନ୍ତିରେ କୌଣସି ବ୍ରିଭାଟ ହେବ ନାହିଁ। ଏହି ନିଷ୍ପତ୍ତି ବହୁ ଆଗରୁ ହେବାର ଥିଲା। କୋର୍ଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି, ଯାହା ତୁରନ୍ତ କାର୍ଯ୍ୟକାରୀ ହେବା ଆବଶ୍ୟକ।

***ନରେଶ ଦାଶ, ସଂସ୍କୃତି ଗବେଷକ***

### ସ୍ୱାଗତଯୋଗ୍ୟ ପଦକ୍ଷେପ



ଉତ୍କଳୀୟ ସଂସ୍କୃତିର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ। ମହାପ୍ରଭୁଙ୍କ ପ୍ରଚାର ଲାଗି କୋର୍ଟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶୃଙ୍ଖଳିତ ଦର୍ଶନ ଏବଂ ଚୋରି, ଡକାୟତି ରୋକିବା ଲାଗି ରାୟ ଦେଇଛନ୍ତି। ଅନେକ ସମୟରେ ବାହାର ରାଜ୍ୟରୁ ଆସୁଥିବା ଭକ୍ତ ଶ୍ରୀମନ୍ଦିରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫେରିବାବେଳେ ତିକ୍ତ ଅନୁଭୂତି ନେଇ ଫେରିଥାନ୍ତି। ଏହା ଦ୍ୱାରା ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନର ସୁଫଳ ପାଇବେ।

***ବଦ୍ରି ମିଶ୍ର, ସ୍ତମ୍ଭକାର***

### ତୁରନ୍ତ କାର୍ଯ୍ୟକାରୀ ହେବା ଉଚିତ



ଶ୍ରୀମନ୍ଦିର ପରିଚାଳନା ନେଇ ଏକ ସ୍ୱତନ୍ତ୍ର ସ୍ୱତ୍ୱଲିପି ରହିଛି। ସେଥିରେ ଦର୍ଶାଯାଇଥିବା ନୀତି ନିୟମ ଅନୁଯାୟୀ ଦୈନିକ ପୂଜାବିଧି ସମ୍ପନ୍ନ ହୋଇଥାଏ। ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶନାମାରେ ରାଜ୍ୟ ସରକାର ଶ୍ରୀମନ୍ଦିରର ପ୍ରଚଳିତ ପରମ୍ପରା ଉପରେ ହସ୍ତକ୍ଷେପ କରିବେ ନାହିଁ। ଶ୍ରୀମନ୍ଦିରରେ ପ୍ରଚଳିତ ରୀତିନୀତି ପରମ୍ପରା ଅନୁଯାୟୀ ହେବ। ଅନେକ ସମୟରେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଯୋଗୁ ଶ୍ରୀମନ୍ଦିର ପରିଚାଳନାରେ ବିଭ୍ରାଟ ସୃଷ୍ଟି ହୋଇଥାଏ। ଏହା ତୁରନ୍ତ କାର୍ଯ୍ୟକାରୀ ହେବା ଉଚିତ।

***ସୂର୍ଯ୍ୟନାରାୟଣ ରଥ, ଉପସଭାପତି, ହିନ୍ଦୁ ମହାସଭା***

### ଉପକୃତ ହେବେ ଭକ୍ତ



ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଠାକୁର। ଦୈନିକ ଲକ୍ଷାଧିକ ଭକ୍ତ ଦର୍ଶନ ଲାଗି ଶ୍ରୀକ୍ଷେତ୍ରକୁ ଆସିଥାନ୍ତି। ଅନେକ ସମୟରେ ପରିବାର ସହ ବାହାର ରାଜ୍ୟରୁ ଆସୁଥିବା ଶ୍ରଦ୍ଧାଳୁ ରହିବା ଲାଗି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୬୦ହଜାର ଭକ୍ତ ରହିବା ଲାଗି ବ୍ୟବସ୍ଥା ସକାଶେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଦେଇଥିବା ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ। ଅନ୍ୟପଟେ ସଂସ୍କୃତି ପ୍ରଚାର ଲାଗି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେଲେ ମହାପ୍ରଭୁଙ୍କ ମାହାତ୍ମ୍ୟ ସର୍ବସ୍ପର୍ଶୀ ହେବ।

***ସନ୍ଥ ରାମଚରଣ ଦାସ, ନେବଳଦାସ ମଠ ମହନ୍ତ***

### ପର୍ଯ୍ୟଟନ ଶିଳ୍ପ ସହ ଆର୍ଥିକ ବିକାଶ ହେବ



ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ ସହ ସ୍ୱର୍ଣ୍ଣାଭ ବେଳାଭୂମି ପର୍ଯ୍ୟଟକ ଓ ଭକ୍ତଙ୍କୁ ଆକୃଷ୍ଟ କରିଥାଏ। ତେବେ ରହଣି ଅସୁବିଧା ଯୋଗୁ ବାହାର ରାଜ୍ୟରୁ ଆସୁଥିବା ଭକ୍ତ ସନ୍ଧ୍ୟା ପୂର୍ବରୁ ଭୁବନେଶ୍ୱର ଫେରିଯିବାକୁ ବାଧ ହୋଇଥାନ୍ତି। ଶ୍ରୀକ୍ଷେତ୍ରରେ ୬୦ହଜାର ଭକ୍ତଙ୍କ ରହିବା ଲାଗି ବନ୍ଦୋବସ୍ତ କରାଗଲେ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇବ। ଏପରି ନିଷ୍ପତ୍ତି ଶ୍ରୀକ୍ଷେତ୍ରର ପର୍ଯ୍ୟଟନ ଶିଳ୍ପ ଏବଂ ଆର୍ଥିକ ବିକାଶ ଦିଗରେ ସହାୟକ ହୋଇପାରିବ।

***ପ୍ରତାପ ଶତପଥୀ, ଯୁବ ଶିଳ୍ପପତି***

### ଶ୍ରୀମନ୍ଦିରର ଗୌରବ ବୃଦ୍ଧି ପାଇବ



ବିଭିନ୍ନ ଦିଗ ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶ୍ରୀମନ୍ଦିରର ସଂସ୍କାର ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଲାଗି ଶିକ୍ଷାନୁଷ୍ଠାନ ସ୍ଥାପନ, ଭକ୍ତଙ୍କ ରହଣି ବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ, ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ହେଲେ ଶ୍ରୀମନ୍ଦିରର ରୂପରେଖ ପରିବର୍ତ୍ତନ ହୋଇଯିବ। ଶ୍ରୀମନ୍ଦିରର ଗୌରବ ବୃଦ୍ଧି ପାଇବ।

***ପ୍ରମୋଦ ଆଚାର୍ଯ୍ୟ, ଉପସଭାପତି, ବିଶ୍ୱ ହିନ୍ଦୁ ପରିଷଦ***

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୫/୨୦୧୯ Bhubaneswar, Tuesday, November 5/2019

## ସଂକ୍ଷେପରେ

### ୪୪.୩ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ,୪।୧୧/ କଟକ ରୋଡ୍ (ଡି.ଏନ୍.ଏ.):** ଖୋର୍ଦ୍ଧା ଓ ଭୁବନେଶ୍ୱରରୁ ପୋଲିସ ୪୪.୩ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ।

ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ଉପରେ ରୋକ୍ ଲଗାଇବା ପାଇଁ ପୋଲିସ ଲାଗିପଡ଼ିଛି। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସୋମବାର ମଲ୍ଲିପୁର ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ନିକଟରେ ଚଢ଼ାଉ କରି ଗୁରୁଜଙ୍ଗ ନନ୍ଦସାହିର ଟୁକୁନା ଦାସଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୪.୩ ଗ୍ରାମ ବ୍ରାଉନସୁଗାର ଓ ଏକ ମୋବାଇଲ ଫୋନ ମିଳିଛି। ଏନେଇ ୨୧(ବି) ଏନ୍‌ଡିପିଏସ ଆକ୍ଟରେ ଏକ ମାମଲା (ନଂ. ୩୮୫/୧୯)ରୁଜୁ ହୋଇଛି। ସେହିଭଳି ଭୁବନେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାଡ୍ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଓଗାଳପୁର ଗ୍ରାମର ସୁମନ୍ତ ରାଉତରାୟଙ୍କୁ ଗିରଫ କରିଛି। ଖଣ୍ଡଗିରି ଥାନା କୋଳଥିଆ ଅଞ୍ଚଳରୁ ତାଙ୍କୁ ଧରିବା ସହ ତାଙ୍କ ଠାରୁ ୩୦ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିବା ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ପ୍ରଭାତ କୁମାର ସେଠୀ କହିଛନ୍ତି। ଏହା ସହ ଏକ ଅଟୋ(ଓଡି-୩୩-ଭି-୨୧୨୩) ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ. ୧୧୬/୨୦୧୯-୨୦୨୦)ରୁଜୁ ହୋଇଛି।

# ରାଜ୍ୟ ପୋଲିସରେ ବଡ଼ଧରଣର ବଦଳି

**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

ରାଜ୍ୟ ପୋଲିସରେ ସୋମବାର ବଡ଼ଧରଣର ଅଦଳବଦଳ କରାଯାଇଛି। ବିଭିନ୍ନ ଜିଲାରେ କାର୍ଯ୍ୟ କରୁଥିବା ୫୧ ଡିଏସ୍‌ପିଙ୍କ ଅନ୍ୟତ୍ର ବଦଳି କରାଯାଇଥିବାବେଳେ ନିକଟରେ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀରୁ ପାସଆଉଟ୍ ୧୬ଜଣ ଡିଏସ୍‌ପିଙ୍କୁ ନୂଆ ନିଯୁକ୍ତି ମିଳିଛି। ପୋଲିସ ଏଷ୍ଟାବ୍ଲିଶମେଣ୍ଟ ବୋର୍ଡର ନିଷ୍ପତ୍ତିକ୍ରମେ ଏହି ବଦଳି କରାଯାଇଥିବା ନେଇ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ମାଲକାନଗିରି ଡିଏସ୍‌ପି ଚିନ୍ମୟ କୁମାର ନାୟକଙ୍କୁ ଯାଜପୁରରୋଡ୍ ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଥିବାବେଳେ ପୁରୀ ଜିଲା ହେଡ୍‌କ୍ୱାର୍ଟରରେ ଥିବା ସସ୍ମିତା ସାହୁଙ୍କୁ ଭୁବନେଶ୍ୱର ଇଓଡବ୍ଲ୍ୟୁକୁ ବଦଳି କରାଯାଇଛି। ବଲାଙ୍ଗୀର ଡିଏସ୍‌ପି ଗୌତମ କିଶାନଙ୍କୁ ଛତ୍ରପୁର ଏସ୍‌ଡିପିଓ, ଚିତ୍ରକୋଣ୍ଡା ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କୁ ବାଲିଗୁଡା ଏସ୍‌ଡିପିଓ, ସୁନ୍ଦରଗଡ ଡିଏସ୍‌ପି ନିବେଦିତା ସୋରେନଙ୍କୁ ବୀରମିତ୍ରପୁର ଏସ୍‌ଡିପିଓ ଭାବେ ଅବସ୍ଥାପିତ କରାଯାଇଛି। ଗଞ୍ଜାମ ଡିଏସ୍‌ପି ପ୍ରଦୀପ କୁମାର ଦଳାଇଙ୍କୁ ନିମାପଡା ଏସ୍‌ଡିପିଓ, ହେମନ୍ତ କୁମାର ପଣ୍ଡାଙ୍କୁ ପୁରୀ ଡିଆଇବି ଡିଏସ୍‌ପି, ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାଶଙ୍କୁ ଇଣ୍ଟେଲିଜେନ୍ସ ସ୍ପେଶାଲବ୍ରାଞ୍ଚ, ବସ୍ତା ଏସ୍‌ଡିପିଓ ରଞ୍ଜିତ କୁମାର ପୃଷ୍ଟିଙ୍କୁ ଜଗତସିଂପୁର ଏସ୍‌ଡିପିଓ, ନିଳଗିରି ଏସ୍‌ଡିପିଓ ସୁଦାମ ସାହୁଙ୍କୁ ବାଲେଶ୍ୱର ଡିଆଇପି ଡିଏସ୍‌ପି, ରାଇରଙ୍ଗପୁର ଏସ୍‌ଡିପିଓ ଅମୂଲ୍ୟ କୁମାର ଧରଙ୍କୁ ନୀଳଗିରି ଏସ୍‌ଡିପିଓ, ସାଲେପୁର ଏସ୍‌ଡିପିଓ ସୁରେଶ କୁମାର ଦାସଙ୍କୁ ବାଲୁଗାଁ ଏସ୍‌ଡିପିଓ, ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାଶଙ୍କୁ ଗଞ୍ଜାମ ପିସିଆର ସେଲ୍ ଡିଏସ୍‌ପି, ପୁରୁଷୋତ୍ତମ ଏସ୍‌ଡିପିଓ ନିମାଇଁ ଚରଣ ସେଠୀଙ୍କୁ ସାଲେପୁର ଏସ୍‌ଡିପିଓ, ବଡ଼ବିଲ ଏସ୍‌ଡିପିଓ ଦିଲୀପ ଚନ୍ଦ୍ର ବାଗଙ୍କୁ କେନ୍ଦୁଝର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ଉଦଳା ଏସ୍‌ଡିପିଓ ସ୍ୱପ୍ନରଞ୍ଜନ ମହାପାତ୍ରଙ୍କୁ ଜଗତ୍‌ସିଂହପୁର ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସମ୍ବଲପୁର ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ ଆଠମଲିକ ଏସ୍‌ଡିପିଓ, ଭୁବନେଶ୍ୱର ଇଓଡବ୍ଲ୍ୟୁ ଡିଏସ୍‌ପି ତପନ କୁମାର ମହାନ୍ତିଙ୍କୁ ସମ୍ବଲପୁର ସଦର ଏସ୍‌ଡିପିଓ, ଭୁବନେଶ୍ୱର ଇଓଡବ୍ଲ୍ୟୁ ଡିଏସ୍‌ପି ସୁନୀଲ କୁମାର ନନ୍ଦଙ୍କୁ ଭଦ୍ରକ ଏସ୍‌ଡିପିଓ, ଭଦ୍ରକ ଏସ୍‌ଡିପିଓ ଜଳନ୍ଧର ଜଳିଙ୍କୁ ବସ୍ତା ଏସ୍‌ଡିପିଓ, ବାଲିଗାଁ ଏସ୍‌ଡିପିଓ ସୁନୀଲକାନ୍ତ ମହାନ୍ତିଙ୍କୁ ଖୋର୍ଦ୍ଧା ପୋଲିସ ମୁଖ୍ୟାଳୟ ଡିଏସ୍‌ପି, ସୁନ୍ଦରଗଡ ଏସ୍‌ଡିପିଓ ବଳଭଦ୍ର ଦୀପଙ୍କୁ କୋରାପୁଟ ସଦର ଏସ୍‌ଡିପିଓ, ନନ୍ଦପୁର ଏସ୍‌ଡିପିଓ ତପନ କୁମାର ମହାନନ୍ଦଙ୍କୁ କୋରାପୁଟ ଆଇଏଏଚ୍‌ଟିୟୁ ଡିଏସ୍‌ପି ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ କୋରାପୁଟ ଆଇଏଏଚ୍‌ଟିୟୁ ଡିଏସ୍‌ପି ଧୀରେନ୍ଦ୍ର କୁମାର ସ୍ୱାଇଁଙ୍କୁ ନନ୍ଦପୁର ଏସ୍‌ଡିପିଓ, ଯାଜପୁର ରୋଡ୍ ଏସ୍‌ଡିପିଓ କେଦାରନାଥ ସାହୁଙ୍କୁ ଉଦଳା ଏସ୍‌ଡିପିଓ, ଫୁଲବାଣୀ ଏସ୍‌ଡିପିଓ ଆଲବିନ୍‌ସ କେରେକେଟାଙ୍କୁ କନ୍ଧମାଳ ଡିଏସ୍‌ପି, ଗଜପତି ଡିଏସ୍‌ପି ପ୍ରକାଶଚନ୍ଦ୍ର ଜେନାଙ୍କୁ ପାରଳାଖେମୁଣ୍ଡି ଏସ୍‌ଡିପିଓ, ଖଣ୍ଡପଡା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତିଙ୍କୁ କଟକ ପିସିଆର ସେଲ୍ ଡିଏସ୍‌ପି, କଟକ ପିସିଆର୍ ସେଲ୍ ଡିଏସ୍‌ପି ବିଶ୍ୱପ୍ରକାଶ ପଟ୍ଟନାୟକଙ୍କୁ ଖଣ୍ଡପଡା ଏସ୍‌ଡିପିଓ, ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରକାଶଚନ୍ଦ୍ର ପାଲଙ୍କୁ କମିଶନରେଟ ପୋଲିସ ଏସିପି, ବାଲେଶ୍ୱର ଡିଆଇବି ଡିଏସ୍‌ପି ରଜତ କୁମାର ରାୟଙ୍କୁ କମିଶନରେଟ ପୋଲିସ ଏସିପି, କଟକ ଟ୍ରାଫିକ ଏସିପି ଜତୀନ୍ଦ୍ର କୁମାର ପଣ୍ଡାଙ୍କୁ ଭଦ୍ରକ ଡିଆଇବି ଡିଏସ୍‌ପି, ଭୁବନେଶ୍ୱର ଟ୍ରାଫିକ ଏସିପି କିଶୋର କୁମାର ପାଣିଗ୍ରାହୀଙ୍କୁ ଭୁବନେଶ୍ୱର ଇଓଡବ୍ଲ୍ୟୁକୁ ବଦଳି କରାଯାଇଛି। ଡିଏସ୍‌ପି ର୍‍ୟାଙ୍କୁ ପଦୋନ୍ନତି ପାଇଥିବା ନିରଞ୍ଜନ କୁମାର ଧୀରଙ୍କୁ ବ୍ରହ୍ମପୁର ପିସିଆର ସେଲ ଡିଏସ୍‌ପିଭାବେ ଅବସ୍ଥାପିତ କରାଯାଇଥିବାବେଳେ ବାଲେଶ୍ୱର ଜିଲା ମୁଖ୍ୟାଳୟରେ ଥିବା ଡିଏସ୍‌ପି ମନୋଜ କୁମାର ରାଉତଙ୍କୁ ଅତିରିକ୍ତ ଭାବେ ସହର ଦାୟିତ୍ୱ ଦିଆଯାଇଛି।

### ୧୬ ଡିଏସ୍‌ପିଙ୍କୁ ନୂଆ ନିଯୁକ୍ତି

ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀରୁ ଟ୍ରେନିଂରେ କୃତକାର୍ଯ୍ୟ ହୋଇଥିବା ସ୍ନେହାଶିଷ ସାହୁଙ୍କୁ ରାଇରଙ୍ଗପୁର ଏସ୍‌ଡିପିଓ, ରିତେଶ କୁମାର ମହାପାତ୍ରଙ୍କୁ କ୍ରାଇମବ୍ରାଞ୍ଚ ସାଇବର କ୍ରାଇମ ଡିଏସ୍‌ପି, ସାର୍ଥକ ରାୟଙ୍କୁ ଆଇୟୁସିଏଡବ୍ଲ୍ୟୁ ବ୍ରହ୍ମପୁର ଡିଏସ୍‌ପି, ଦିଲୀପ କୁମାର ଦାସଙ୍କୁ ବ୍ରଜରାଜନଗର ଏସ୍‌ଡିପିଓ, ମନୋବ୍ରତା ଶତପଥୀଙ୍କୁ ପୁରୀ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ମଧୁସ୍ମିତା ମିଶ୍ରଙ୍କୁ ସୁନ୍ଦରଗଡ଼ ଏସ୍‌ଡିପିଓ, ସତ୍ୟବିକାଶ ଭୂୟାଁଙ୍କୁ ବଡ଼ବିଲ ଏସ୍‌ଡିପିଓ, ସୀମା ସ୍ୱାଇଁଙ୍କୁ ପୁରୁଷୋତ୍ତମ ଏସ୍‌ଡିପିଓ, ହିମାଂଶୁ ଭୂଷଣ ବେହେରାଙ୍କୁ ସମ୍ବଲପୁର ଡିଏସ୍‌ପି, ଅଙ୍କିତା କୁମାରଙ୍କୁ ଜଳେଶ୍ୱର ଏସ୍‌ଡିପିଓ, ସୁନାରାମ ହେମ୍ବ୍ରମ୍‌ଙ୍କୁ ଚିତ୍ରକୋଣ୍ଡା ଏସ୍‌ଡିପିଓ, କେ.କୋଣ୍ଡାଡୋରା ହରିପ୍ରସାଦଙ୍କୁ ବାରିପଦା ଏସ୍‌ଡିପିଓ, ମହେନ୍ଦ୍ରନାଥ ମୁର୍ମୁଙ୍କୁ ଫୁଲବାଣୀ ଏସ୍‌ଡିପିଓ, ସାନ୍ତା ନୂତନ ସମଦଙ୍କୁ ରାଉରକେଲା ପିସିଆର୍ ସେଲର ଡିଏସ୍‌ପି, ଦେବଜ୍ୟୋତି ଦାଶଙ୍କୁ କଟକ ଟ୍ରାଫିକ ଏସିପି, ସ୍ୱସ୍ତିକ ପଣ୍ଡାକୁ ଭୁବନେଶ୍ୱର ଟ୍ରାଫିକ ଏସିପି ଭାବେ ନିଯୁକ୍ତି ଦିଆଯାଇଛି।



**୫୧ ଡିଏସ୍‌ପି ବଦଳିଲେ**

**କଟକ, ଭୁବନେଶ୍ୱର ନୂତନ ଟ୍ରାଫିକ ଏସିପି**

# ଡାକ୍ତର ସାଜିଲେ ଘରୋଇ ହସ୍ପିଟାଲ ଏଜେଣ୍ଟ

**କଟକ ଅଫିସ, ୪।୧୧**

କଟକ ଶିଶୁଭବନ ଡାକ୍ତର ଘରୋଇ ହସ୍ପିଟାଲ ଏଜେଣ୍ଟ ସାଜିଛନ୍ତି। ଏଠାରେ ଅପରେଶନର ସୁବିଧା ସୁଯୋଗ ନାହିଁ। ତେଣୁ ଆମେ କହୁଥିବା ଘରୋଇ ହସ୍ପିଟାଲକୁ ଯାଅ ସେଠାରେ ଅପରେଶନ ସୁରୁଖୁରୁରେ ହୋଇଯିବ। ଡାକ୍ତରଙ୍କ କଥାରେ ଭରସା କରି ଜଣେ ଶିଶୁରୋଗୀଙ୍କ ପରିବାର ଶିଶୁଭବନରୁ ବାଦାମବାଡ଼ି ନିକଟରେ ଥିବା ଏକ ଘରୋଇ ହସ୍ପିଟାଲକୁ ଆସିଥିଲେ। ସେଠାରେ ଶିଶୁଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଶିଶୁଙ୍କର ରୋଗ କମିବା ବଦଳରେ ବଢିଥିଲା। ଏହାପରେ ଡାକ୍ତର ଧରାଛୁଆଁ ଦେଇ ନ ଥିଲେ। ଫଳରେ ରୋଗୀଙ୍କ ପରିବାର ନିରୁପାୟ ହୋଇ ଭୁବନେଶ୍ୱରରେ ଥିବା ଏମ୍‌ସକୁ ରୋଗୀଙ୍କୁ ନେଇଥିଲେ। ସେଠାରେ ଶିଶୁଙ୍କର ଆଉ ଏକ ପର୍ଯ୍ୟାୟର ଅପରେଶନ କରାଯାଇଛି। ମାତ୍ର ଏହି ଅପରେଶନ ପରେ ପୁନର୍ବାର ଦ୍ୱିତୀୟ ପର୍ଯ୍ୟାୟ ଅପରେଶନ କରାଯିବ ବୋଲି ସେଠାକାର ଡାକ୍ତର କହିଛନ୍ତି। ଉକ୍ତ ଘଟଣାକୁ ନେଇ ଶିଶୁରୋଗୀଙ୍କ ପରିବାର ବିଭିନ୍ନ ଆଡେ କହିବାରୁ ଡାକ୍ତର ଜଣଙ୍କ ଏମ୍‌ସରେ ପହଞ୍ଚି ଏହି ଘଟଣାକୁ ଚପାଇଦେବାକୁ ଉଦ୍ୟମ କରିଛନ୍ତି। ମାତ୍ର ଘଟଣାଟି ଏବେ ମୋ ସରକାର କାର୍ଯ୍ୟର ତଦାରଖ କରୁଥିବା ଆର୍‌ଡିସିଙ୍କ ଅତିରିକ୍ତ ସଚିବ ସଞ୍ଜିତା ଦାସଙ୍କ ନିକଟରେ ପହଞ୍ଚିଛି।

### ବିପଦରେ ଶିଶୁକନ୍ୟା, ଶିଶୁଭବନରେ ତନାଘନା

ସେ ଏ ସମ୍ପର୍କରେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀଙ୍କୁ ପଚରାଉଚରା କରିବା ପରେ ଘଟଣାକୁ ନେଇ ଶିଶୁଭବନରେ ଖୋଳତାଡ଼ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଆରଡିସିଙ୍କ ଅତିରିକ୍ତ ସଚିବ ଦାସ କୁହନ୍ତି, ମୋ ପାଖରେ କୌଣସି ଲିଖିତ ଅଭିଯୋଗ ନ ଥିଲେ ମଧ୍ୟ କେତୋଟି ଫୋନ କଲ୍ ପାଇଥିଲି। ତେଣୁ ଏହାର ସତ୍ୟତା ଜାଣିବା ପାଇଁ ମୁଁ ଶିଶୁଭବନ ଅଧୀକ୍ଷକଙ୍କ ସହ ଯୋଗାଯୋଗ କରିଛି। ଅଧୀକ୍ଷକ ଶତପଥୀ କୁହନ୍ତି, କୌଣସି ରୋଗୀ ଶିଶୁଭବନକୁ ଆସି ଏଭଳି ଅସୁବିଧାରେ ପଡ଼ିବା ଖବର ମୋ ପାଖରେ ନାହିଁ। ତଥାପି ମୁଁ ଏହାର ବୁଝାଶୁଝା କରୁଛି। ସୂଚନାଥାଉ କି, ଅନୁଗୋଳ ଜିଲା ତାଳଚେର ଅଞ୍ଚଳରୁ ୬ ବର୍ଷର ଏହି ଶିଶୁକନ୍ୟା କିଛିଦିନ ତଳେ ଶିଶୁଭବନକୁ ଆସିଥିଲେ। ତାଙ୍କର ଅନ୍ତନଳୀରେ ସମସ୍ୟା ଥିବାରୁ ଅପରେଶନର ଆବଶ୍ୟକତା ପଡୁଥିଲା। ମାତ୍ର ଶିଶୁଭବନର ଜଣେ ଡାକ୍ତର ରୋଗୀଙ୍କ ପରିବାରକୁ ଏହି ଅପରେଶନ ପାଇଁ ଶିଶୁଭବନରେ ବ୍ୟବସ୍ଥା ନ ଥିବା କହି ଘରୋଇ ହସ୍ପିଟାଲକୁ ପଠାଇ ଦେଇଥିଲେ।



୫ ଦଫା ଦାବି ନେଇ ସୋମବାର ଲୋୟର ପିଏମ୍‌ଜିରେ ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା।

# ସ୍ଥାୟୀ ନିଯୁକ୍ତି ଦାବିରେ ଗାଁ ସାଥୀଙ୍କ ଆନ୍ଦୋଳନ

**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

ସ୍ଥାୟୀ ନିଯୁକ୍ତି, ୬ ହଜାର ଟଙ୍କା ପ୍ରୋତ୍ସାହନ ରାଶି ସହ ୫ ଦଫା ଦାବିରେ ସୋମବାର ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିରାଟ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜିଲାରୁ ଆସିଥିବା ହଜାର ହଜାର ଗାଁ ସାଥୀ ଏକାଠି ହେବା ପରେ ଦଳଦଳ ହୋଇ ଶୋଭାଯାତ୍ରାରେ ଲୋୟର ପିଏମ୍‌ଜି ଦେଇ ବିଧାନସଭା ଅଭିମୁଖେ ଯାଇଥିଲେ। ବିକ୍ଷୋଭ ପ୍ରଦର୍ଶନ ଓ ବିଭିନ୍ନ ସ୍ଲୋଗାନରେ ଲୋୟର ପିଏମ୍‌ଜି ପ୍ରକମ୍ପିତ ହୋଇପଡ଼ିଥିଲା। ସଂଘ କହିଛି ଯେ, ଗତ ନିର୍ବାଚନ ପୂର୍ବରୁ ମାସିକ ୧୦ ଦିନରୁ ଅଧିକ କାମ ଦେବା ସହ ପ୍ରାପ୍ୟ ମିଳିବ ବୋଲି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଚିଠି ହୋଇଥିଲା। ୩ମାସ ବିତିଯାଇଥିଲେ ମଧ୍ୟ ବିଭାଗ ପ୍ରତିଶ୍ରୁତି ପାଳନ ନ କରିବାରୁ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେଲୁ। ଏବେ ଏ ବିଷୟରେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ସିଧାସଳଖ ହସ୍ତକ୍ଷେପକରି ତୁରନ୍ତ ସମାଧାନ କରିବା ପର୍ଯ୍ୟନ୍ତ ସଂଘ ଆନ୍ଦୋଳନ ଜାରି ରଖିବ ବୋଲି କହିଛି। ଆନ୍ଦୋଳନରେ ସଂଘ ସାଧାରଣ ସଂପାଦକ ଲକ୍ଷ୍ମୀଧର ବିଶ୍ୱାଳ, ସୌଭାଗ୍ୟ ମିଶ୍ର, ପ୍ରତାପ ମଲ୍ଲିକ. ସୀମାରାଣୀ ପ୍ରଧାନ, ଚରଣ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ୧୨ରେ ସମ୍ଭାବନା ବୋଇତ ବନ୍ଦାଣ ଉତ୍ସବ

**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

ଅତୀତର ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ସମ୍ଭାବନା ଓଡ଼ିଆଣୀ ସମିତି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଆସୁଛି। ଏହା ଏଥର ପଞ୍ଚମ ବର୍ଷରେ ପାଦ ଥାପିଛି। ଆସନ୍ତା ୧୨ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନଟିକୁ ଓଡ଼ିଆ ସମୃଦ୍ଧି ଦିବସ ଭାବେ ପାଳନ କରାଯିବା ସହ ଏହି ଅବସରରେ ବୋଇତ ବନ୍ଦାଣ ଉତ୍ସବ ଓ ଏ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା କରିବାକୁ ଅନୁଷ୍ଠାନ ସ୍ଥିର କରିଛି। ସ୍ଥାନୀୟ ଏକାମ୍ର ହାଟରେ ମହିଳାଙ୍କ ମଧ୍ୟରେ ଚକୁଳି ଓ ଆରିସା ପିଠା ସହ ଓଡ଼ିଆଣୀ ବେଶଭୂଷା, ୧୫ରୁ ୨୧ବର୍ଷ ବୟସର ଛାତ୍ରୀଙ୍କ ମଧ୍ୟରେ ଓଡ଼ିଆଣୀ ବେଶଭୂଷା, ହୁଳହୁଳି ଓ ଶଙ୍ଖଫୁଙ୍କା ଏବଂ ଶିଶୁ-କିଶୋରଙ୍କ ମଧ୍ୟରେ ବୋଇତ ଅଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାସହ ଓଡ଼ିଶାର ସାଂସ୍କୃତିକ ପରମ୍ପରା ଓ ନୌବାଣିଜ୍ୟ ସହ ଜଡିତ ସଂଗୀତ ଓ ଓଡ଼ିଶୀ ନୃତ୍ୟ ମଧ୍ୟ ପରିବେଷିତ ହେବ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଏକାମ୍ର ହାଟଠାରେ ପଞ୍ଜୀକରଣ କରାଯାଉଛି ବୋଲି ତ୍ରଷ୍ଟି ସ୍ମୃତି ମହାନ୍ତି ଜଣାଇଛନ୍ତି।

# କେନାଲକୁ ଖସିଲା ସ୍କୁଲ ଭ୍ୟାନ, ୧୧ ଛାତ୍ରୀଛାତ୍ର ଆହତ


କେନାଲକୁ ଖସି ପଡ଼ିଥିବା ସ୍କୁଲ୍ ଭ୍ୟାନ୍।


ଡାକ୍ତରଖାନାରେ ଆହତ ୨ ଛାତ୍ରୀଛାତ୍ର।

**ନିମାପଡ଼ା,୪।୧୧(ଡି.ଏନ୍.ଏ.)**

ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଏକ ଘରୋଇ ସ୍କୁଲ ଭ୍ୟାନ ସୋମବାର ଚାରିଛକ ଫାଣ୍ଡି ଅନ୍ତର୍ଗତ ଓଡ଼ଗୁଆଁ ଗ୍ରାମଠାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ କେନାଲକୁ ଖସି ପଡ଼ିଥିଲା। ଉକ୍ତ ଗାଡିରେ ଥିବା ଡ୍ରାଇଭରଙ୍କ ସମେତ ୧୧ଜଣ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ତୁଳସୀପୁରସ୍ଥିତ ଏକ ଘରୋଇ ଶିକ୍ଷାକେନ୍ଦ୍ରର ଭ୍ୟାନ ବିଭିନ୍ନ ଗ୍ରାମରୁ ପିଲାମାନଙ୍କୁ ନେଇ ସ୍କୁଲକୁ ଯାଉଥିଲା। ଏହି ସମୟରେ ଗାଡିଟି ଭାରସାମ୍ୟ ହରାଇ କେନାଲ ଭିତରକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ପାଣି ଭିତରୁ ଛାତ୍ରୀଛାତ୍ର ଶୁଭଲକ୍ଷ୍ମୀ ପ୍ରଧାନ, କାଜଲ ସ୍ୱାଇଁ, ସାଇ ଆଦିତ୍ୟ ପଟ୍ଟନାୟକ, ସ୍ୱାଗତିକା ସ୍ୱାଇଁ, ଇତିଶ୍ରୀ ସ୍ୱାଇଁ, ଆୟୁଷ ବାରିକ, ଦେବରାଜ ପ୍ରଧାନ, ମେହେବୁଶ ଖାଁ, ଫାରୁନ ଅଖତାର ଖାଁ, ସାଇସ୍ମୃତି ଜେନା, ସାଇଦତ୍ତ ବାରିକ, ସାଇସ୍ମୃତି ଜେନା ଓ ଡ୍ରାଇଭର ବାଲୁଙ୍କ ଗ୍ରାମର ମିଲୁ ପ୍ରଧାନଙ୍କୁ ଉଦ୍ଧାର କରି ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସାଇସ୍ମୃତି ଓ ମିଲୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ଦୁର୍ଘଟଣା ଘଟିଥିବା କହି ଲୋକେ ଡ୍ରାଇଭରଙ୍କୁ ମାଡ଼ ମାରି ଅଟକ ରଖିଥିଲେ। ଚାରିଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ଏହା ପରେ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ନିମାପଡ଼ା ଥାନା ଅଧିକାରୀ ଜନାର୍ଦ୍ଦନ ପାଢୀ, ଚାରିଛକ ଫାଣ୍ଡି ଅଧିକାରୀ ପ୍ରମୋଦ ସେଠୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଭ୍ୟାନ(ଓଡି ୧୩ଏଫ୍ ୮୦୭୯)କୁ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ଜଳଛତ୍ର ଗ୍ରାମର ଜଣେ ଛାତ୍ରଙ୍କ ଦାଦା ନୃସିଂହ ଚରଣ ଦାଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୮୭/୧୯) ରୁଜୁକରି ତଦନ୍ତ ଚଳାଇଛି। ଶିକ୍ଷାକେନ୍ଦ୍ରର ସମ୍ପାଦକ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

### ଦୁର୍ଘଟଣାସ୍ଥଳରେ ଉତ୍ତେଜନା

# ସ୍କୁଟିକୁ ଧକ୍କା ଦେଲା କାର, ଜଣେ ମୃତ

**ଖୋର୍ଦ୍ଧା ଅଫିସ/ଚିଲିକା,୪।୧୧(ଡି.ଏନ୍.ଏ.)**

କୋଲକତା-ମାଡ୍ରାସ ୧୬ନଂ. ଜାତୀୟ ରାଜପଥର ବାଣପୁର ଥାନା ନାଚୁଣୀ ଫାଣ୍ଡିର କହ୍ନେଇପୁର ଛକଠାରେ ସୋମବାର ଏକ ସ୍କୁଟିକୁ କାର ଧକ୍କା ଦେବା ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ମୃତା ମହିଳା ହେଲେ ନୟାଗଡ ବ୍ଲକ ଇଟାମାଟି ଥାନା ଶଙ୍ଖେଇ ଗାଁର ଶୈଳ ଘଡେଇ(୨୬)। ଆହତମାନେ ଶୈଳଙ୍କ ଝିଅ ମାମାଲି(୬) ଓ ପୁଅ ସାଇ(୨), ନଣନ୍ଦେଇ ଓଡଗାଁ ଥାନା ନନ୍ଦିଘୋର ଗାଁର ଅଜୟ ଘଡେଇ। ସୂଚନା ଅନୁସାରେ, ଶଙ୍ଖେଇ ଗ୍ରାମର ସଞ୍ଜୟ ଘଡେଇ ସ୍ତ୍ରୀ ଶୈଳ, ନଣନ୍ଦେଇ ନନ୍ଦିଘୋର ଗାଁର ଅଜୟ ଘଡେଇଙ୍କ ସହ ବାପ ଘର ବାଣପୁର ଥାନା କୁମାଣ୍ଡୋଳଗାଁରେ ଏକ ଶ୍ରାଦ୍ଧ ଦେଇ ଫେରୁଥିଲେ। ନଣନ୍ଦେଇଙ୍କ ସ୍କୁଟି(ଓଡି୨୫ଜି ୦୫୯୩)ରେ ପୁଅ, ଝିଅ ସହ ଶୈଳ ଫେରୁଥିଲେ। କହ୍ନେଇପୁର ଛକଠାରେ ଏଜି ୧୪୪୪ ନଂ କାର ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍କୁଟିଟି ଭାଙ୍ଗିରୁଜି ଯାଇଥିଲା। ସ୍ଥାନୀୟଲୋକେ ଆହତଙ୍କୁ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶୈଳଙ୍କୁ ମୃତ ଘୋଷଣା କରିଥିଲେ। ନାଚୁଣୀ ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ପରିବା ବ୍ୟବସାୟୀଙ୍କଠାରୁ ୬୧ହଜାର ଟଙ୍କା ଲୁଟ୍

**ନିମାପଡ଼ା,୪।୧୧(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ପାଟପୁର ଗ୍ରାମ କେନାଲ ବ୍ରିଜ ନିକଟରୁ ପରିବା ବ୍ୟବସାୟୀ ନିରଞ୍ଜନ ସାହୁ ଓ ତାଙ୍କ ଭାଇ ସଦାଶିବଙ୍କଠାରୁ ୬୧ହଜାର ଟଙ୍କା ଲୁଟ୍ ହୋଇଛି। ନିରଞ୍ଜନଙ୍କ ଅଭିଯୋଗକ୍ରମେ ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୨୮୫/୧୯)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ବାମଖଟିପାଟଣା ଗ୍ରାମର ପରିବା ବ୍ୟବସାୟୀ ନିରଞ୍ଜନ ଓ ତାଙ୍କ ଭାଇ ସଦାଶିବ ରବିବାର ରାତିରେ ବ୍ୟବସାୟ ସାରି ବାଇକ୍‌ରେ ଘରକୁ ଫେରୁଥିଲେ। ହଠାତ୍ ୩ଜଣ ଦୁର୍ବୃତ୍ତ ସେମାନଙ୍କ ଗାଡ଼ି ଅଟକାଇ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ବ୍ୟାଗରେ ଥିବା ୬୧୦ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ରବିବାର ବିଳମ୍ବିତ ରାତିରେ ନିରଞ୍ଜନ ଥାନାରେ ଅଭିଯୋଗ କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମାଙ୍କଡ଼ା ବୋଝେଇ ଟ୍ରକ୍ ଜବତ: ଚାଳକ ଗିରଫ

**ତିଗିରିଆ,୪।୧୧(ଡି.ଏନ୍.ଏ.):** ତିଗିରିଆ ତହସିଲ ଅନ୍ତର୍ଗତ ପାଞ୍ଚଗାଁ ମିନିଷ୍ଟାଡ଼ିୟମ ନିକଟରେ ସୋମବାର ରାତି ପ୍ରାୟ ୯ଟା ସମୟରେ ବେଆଇନ ଭାବେ ଚାଲାଣ ହେଉଥିବା ଏକ ମାଙ୍କଡ଼ା ବୋଝେଇ ଟ୍ରକକୁ ତିଗିରିଆ ତହସିଲଦାର ପରେଶ କୁମାର ନାୟକ ଜବତ କରିଛନ୍ତି। ଏହି ଘଟଣାରେ ଟ୍ରକ ଚାଳକ ମହେନ୍ଦ୍ର ରାଉତଙ୍କୁ ଗିରଫ କରାଯାଇଛି। ସେ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପଡିଯିବାରୁ ଆହତ ହୋଇଛନ୍ତି। ତାଙ୍କୁ ନିଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଥାନାକୁ ଅଣାଯାଇଛି। ସେ ଢେଙ୍କାନାଳର ଇନ୍ଦିପୁରଠାରୁ ପାଞ୍ଚଗାଁ ଗ୍ରାମ ଅଭିମୁଖେ ମାଙ୍କଡ଼ା ପଥର ଚାଲାଣ କରୁଥିବାବେଳେ ଧରାପଡ଼ିଥିଲେ। ମଙ୍ଗଳବାର ତାଙ୍କ ଠାରୁ ଜରିମାନା ଆଦାୟ ହେବ ବୋଲି ତହସିଲଦାର କହିଛନ୍ତି।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ସାଲେପୁର,୪।୧୧(ଡି.ଏନ୍.ଏ.):** ସାଲେପୁର ବ୍ଲକ ତରିତୋ ପଞ୍ଚାୟତ ଅନ୍ତର୍ଗତ ଗୋଠମିରା ଗ୍ରାମରେ ସୋମବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମା’ ଝାଙ୍କଡ଼େଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୫୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୪ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରୋଟାରୀ ପଠାଯାଇଥିଲା। ରୋଟାରୀର ଡାକ୍ତର ହରପ୍ରସନ୍ନ ସାହୁ, ଅନନ୍ୟା ବେହେରା, ଲିପ୍ସା ବେହେରା, ରାଜେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଯୁବନେତା ଲୋଲୁପ କୁମାର ବିଶ୍ୱାଳ, ଗଗନ ମହାପାତ୍ର, ପ୍ରଭାକର ସୂତାର୍, ଅନିଲ୍ ପରିଡ଼ା ଓ ସନ୍ତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ହାସ୍ୟବ୍ୟଙ୍ଗ ପତ୍ରିକା ରସଗୁଲାର ପାର୍ବଣ ସଂଖ୍ୟା ଲୋକାର୍ପିତ

**କଟକ ଅଫିସ, ୪।୧୧:** ବିଶ୍ୱ ଓଡ଼ିଆ ସମ୍ମିଳନୀର ରାଜ୍ୟ ଶାଖା କାର୍ଯ୍ୟାଳୟଠାରେ ହାସ୍ୟରସାତ୍ମକ ତ୍ରୟୋମାସିକ ବ୍ୟଙ୍ଗ ପତ୍ରିକା ରସଗୁଲାର ପାର୍ବଣ ସଂଖ୍ୟା ସୋମବାର ଲୋକାର୍ପିତ ହୋଇଛି। ଏଥିରେ ପତ୍ରିକାର ସମ୍ପାଦକ ବାବାଜୀ ଚରଣ ଲେଙ୍କା ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଶ୍ୱ ଓଡ଼ିଆ ସମ୍ମିଳନୀର ସଭାପତି ମୁରଲୀ ମନୋହର ଶର୍ମା ଯୋଗଦେଇଥିଲେ। ଏଥିରେ ନୀଳଶୈଳର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ନାୟକ, ଆୟୁଷ ଶର୍ମା ଯୋଗଦେଇଥିବାବେଳେ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ସ୍ୱାସ୍ଥ୍ୟସେବା ଶିବିର

**ଚୌଦ୍ୱାର,୪।୧୧ (ଡି.ଏନ୍.ଏ.):** ଗୋପାଷ୍ଟମୀ ଅବସରରେ ମଙ୍ଗରାଜପୁର ପଞ୍ଚାୟତର ବେରେଣା ସ୍ଥିତ ନନ୍ଦଗାଁ ବୃଦ୍ଧ ଗୋସେବା ଆଶ୍ରମ ପରିସରରେ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ କଟକ ଶାଖା ପକ୍ଷରୁ ଆୟୋଜିତ ଶିବିରରେ ଆଖପାଖ ଅଞ୍ଚଳର ୧୨୨ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ମାରୱାଡ଼ି ମଞ୍ଚର ଜ୍ଞାନଚାନ୍ଦ ନାହେର, କମଲ ସିକାରିଆ, ନାଥମଲ ଚିନାନୀ, ପବନ ଗୁପ୍ତା, ପଦ୍ମା ବହୁସିଂକା ଶିବିର ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ସହକାରୀ ଶିକ୍ଷକଙ୍କ ପରଲୋକ

**କଟକ ଅଫିସ, ୪।୧୧:** କଟକ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଅଲେଖ ସାମନ୍ତରାୟ(୭୧)ଙ୍କ ସୋମବାର ପରଲୋକ ଘଟିଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଖବରପାଇ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ସାମନ୍ତରାୟଙ୍କ ଶେଷ ଦର୍ଶନ କରିଥିଲେ। ୧୯୪୯ରେ ଜନ୍ମିତ ସାମନ୍ତରାୟ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ସ୍ଥିତ ପରିକ୍ଷୀତ ୟୁପି ସ୍କୁଲର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରି ୨୦୦୭ରେ ଅବସର ନେଇଥିଲେ। ଅବସର ପରେ ସେ ସମାଜସେବାରେ ସକ୍ରିୟ ରହିଥିଲେ। ସନ୍ଧ୍ୟାରେ ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନଭାଇ ପରେଶ ମୁଖାଗ୍ନି ଦେଇଥିଲେ।

■ ଫନୀ କ୍ଷତିଗ୍ରସ୍ତ ତାଲିକା ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ

# ବ୍ଲକ ଅଫିସ ଘେରିଲେ କ୍ଷତିଗ୍ରସ୍ତ

**ସାଲେପୁର,୪।୧୧ (ଡି.ଏନ୍.ଏ.)**



ଫନୀ କ୍ଷତିଗ୍ରସ୍ତ ତାଲିକାରୁ ବଞ୍ଚିତ ହୋଇଥିବା ଲୋକେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ବାଲିସାହି ପଞ୍ଚାୟତରେ ଗତ ଫନୀ ବାତ୍ୟାରେ ବହୁ ଲୋକଙ୍କ ଘର ଭାଙ୍ଗିଯାଇଛି। ମାତ୍ର କ୍ଷତିଗସ୍ତଙ୍କ ତାଲିକାରୁ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଛନ୍ତି। ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସୋମବାର ସାଲେପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତର ଅନେକ ଲୋକ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସାଲେପୁର ବ୍ଲକ କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ସାଲେପୁର ବ୍ଲକର ବାଲିସାହି ପଞ୍ଚାୟତରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଲୋକ ଗତ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲେ। ସେଥିରୁ ୧୧୮ଜଣ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତ କରାଯାଇଥିଲା। ଅପରପକ୍ଷେ ଜିଓ ଟ୍ୟାଗିଂରେ କେବଳ ୮୦ଜଣଙ୍କ ନାମ ଚୁଡ଼ାନ୍ତ ତାଲିକାରେ ପକାଇପାଇଛି। ଗତ ଫନୀ ବାତ୍ୟାରେ ଏହି ପଞ୍ଚାୟତର ବହୁ ଲୋକଙ୍କ ଘର ଉଡ଼ିଯାଇଥିବାବେଳେ ବିଭିନ୍ନ କ୍ଷୟକ୍ଷତି ହୋଇଥିଲା। ମାତ୍ର ତାଲିକାରେ କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ଅନେକ ଲୋକଙ୍କର ନାମ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଅନେକ ଲୋକ ସାଲେପୁର ବ୍ଲକ୍ କାର୍ଯ୍ୟାଳୟକୁ ଆସି ବିଡ଼ିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ଏବଂ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ସମୀର ରଞ୍ଜନ ଦାଶ,

- ■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର
- ■୩୦୦ରୁ ଉର୍ଦ୍ଧ୍ୱ କ୍ଷତିଗ୍ରସ୍ତ
- ■ଚୂଡାନ୍ତ ତାଲିକାରେ କେବଳ ୮୦ଜଣଙ୍କ ନାମ

ପଞ୍ଚାୟତ ସମିତି ଅଧକ୍ଷା ଓ ଉପାଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି କଟକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମଧ ଏନେଇ ଏକ ଦାବିପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଶ୍ୱିନୀ କୁମାର ଦାସ, ଲୋଲୁପ କୁମାର ବିଶ୍ୱାଳ, ଜୟରାମ ବେହେରା, ରାଜେଶ ମହାନ୍ତି, ପର୍ଶୁରାମ ଦିକ୍ଷୀତ, ଗୁଲଜାର ଅଲ୍ଲୀ, ଆଶାଲତା ସାମଲ, ସନ୍ଧ୍ୟାରାଣୀ ମିଶ୍ର, ଅଶୋକ କାଣ୍ଡି ଓ ମନୋରଞ୍ଜନ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ଅପହୃତା ଯୁବତୀ ଉଦ୍ଧାର

**ବାଙ୍କୀ,୪।୧୧(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଗେପାଳ ପଞ୍ଚାୟତର ମଙ୍ଗଳା ମନ୍ଦିରର ନିକଟରୁ ଅପହୃତା ହୋଇଥିବା ଜଣେ ଯୁବତୀଙ୍କୁ ବାଙ୍କୀ ପୋଲିସ ସୋମବାର ଖୋର୍ଦ୍ଧା କାଇପଦରରୁ ଉଦ୍ଧାର କରିଛି। ତାଙ୍କୁ ବାଙ୍କୀ ଥାନାରେ ରଖାଯାଇଛି।

ରବିବାର ସନ୍ଧ୍ୟାରେ ସମ୍ପୃକ୍ତ ଯୁବତୀ ମଙ୍ଗଳା ମନ୍ଦିର ନିକଟ ନଳକୂପକୁ ପାଣି ଆଣିବାକୁ ଯାଇଥିଲେ। ମାତ୍ର ବହୁ ସମୟ ଧରି ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଏନେଇ ରାତିରେ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ.୩୦୫/୧୯)ରୁଜୁ ହୋଇଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ ବିଶ୍ୱାଳ ଓ ଆଇଆଇସି ସମୀର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଏସ୍ ଆଇ ରବିନାରାୟଣ ପରିଡା ଏହି ଘଟଣାର ତଦନ୍ତ କରିଥିଲେ। ସେ ସମ୍ପୃକ୍ତ ଯୁବତୀଙ୍କ ମୋବାଇଲକୁ ଟ୍ରାକିଂ କରି ଖୋର୍ଦ୍ଧା କାଇପଦରସ୍ଥିତ ମାମୁଁ ଘରୁ ତାଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ପୋଲିସ ଜଣକକୁ ଅଟକ ରଖି ପଚରାଉଚୁରା କରୁଛି। ମଙ୍ଗଳବାର ସମ୍ପୃକ୍ତ ଯୁବତୀଙ୍କ ଡାକ୍ତରୀମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ପରିବାର ଲୋକଙ୍କ କହିବାନୁସାରେ, ତାଙ୍କ ଝିଅକୁ ୪ ଜଣ ଲୋକ ନଳକୂପ ନିକଟରୁ ଉଠାଇ ନେଇଥିଲେ। ସେମାନେ ତାକୁ ଭୁବନେଶ୍ୱର ନେଇଯାଇଥିଲେ। ସେଠାରେ ସମ୍ପୃକ୍ତ ଯୁବତୀ ଜଣକ ପାଟି କରିବାରୁ ତାକୁ ଅଟୋରେ ବାଲୁଗାଁ ନେବାକୁ ଯୋଜନା କରିଥିଲେ। ଅଟୋରେ ଯୁବତୀଙ୍କ ଚିତ୍କାର ଶୁଣି ଆଉ ଏକ ଅଟୋ ତାଙ୍କୁ ଅନୁସରଣ କରିଥିଲା। ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ ପାଖରେ ୪ ଜଣ ଅଭିଯୁକ୍ତ ଅଟୋରୁ ଓହ୍ଲାଇ ଦହିବରା ଖାଇବାକୁ ଯାଇଥବା ବେଳେ ପଛରେ ଆସୁଥିବା ଅଟୋ ଚାଳକ ଝିଅକୁ ଉଦ୍ଧାର କରି କାଇପଦରସ୍ଥିତ ମାମୁଁ ଘରେ ଛାଡିଥିଲେ। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ଲୋକେ ଥାନାରେ ଜଣାଇଛନ୍ତି କି ନାହିଁ ତାହା ଜଣାପଡିନାହିଁ। ମଙ୍ଗଳବାର ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ।

## ମିଶନ ଜିରୋ-ଏଫ୍‌ର ସମୀକ୍ଷା ବୈଠକ



ମିଶନ୍ ଜିରୋ-ଏଫ୍ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସମୀକ୍ଷା କରୁଛନ୍ତି।

**ବାଙ୍କୀ,୪।୧୧(ସ୍ୱ.ପ୍ର.)**

ଡ଼ମପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରତିମା ସୁନ୍ଦରୀ ଦଳେଇଙ୍କ କାର୍ଯ୍ୟାଳୟରେ ସୋମବାର ମିଶନ ଜିରୋ- ଏଫ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ଭବାନୀଶଙ୍କର ଚୟିନୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ନିମନ୍ତେ ଜିଲାର ପ୍ରତି ବ୍ଲକରେ ବିଇଓଙ୍କ ଦ୍ୱାରା ଏହାର ସମୀକ୍ଷା କରାଯାଉଛି। ଏହି ପରିପ୍ରେକ୍ଷୀରେ ଦଳେଇ ପିଲାଙ୍କ ପାଠ ପଢ଼ାର ମାନ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରିଟେଷ୍ଟରେ ଶତକଡ଼ା ୩୩ ନମ୍ବରରୁ କମ୍ ନମ୍ବର ରଖିଥିବା ପିଲାଙ୍କ ପାଇଁ ଦୁର୍ବଳ ଥିବା ବିଷୟରେ ସ୍ୱତନ୍ତ୍ର କ୍ଲାସ କରିବାକୁ କହିଥିଲେ। ବୈଠକରେ ଏବିଓ ଗଦାଧର ପ୍ରଧାନ, ସିଆରସିସି ବଳରାମ ପାଇକରାୟ, ସିଆରସିସି ତପନ ରାମ୍ , ନିଶାମଣୀ ପ୍ରଧାନ, ଲୀଜା ମହାପାତ୍ର ଓ ଜ୍ୟୋର୍ତିମୟୀ ମହାପାତ୍ର ଯୋଗଦେଇଥିଲେ।

### ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଘଟଣା
## ଯୁବକ କୋର୍ଟ ଚାଲାଣ

**ମାହାଙ୍ଗା,୪।୧୧(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ମୋବାଇଲ୍‌ରେ ପ୍ରେମ କରି ଶାରୀରିକ ସମ୍ପର୍କ ରଖିବା ପରେ ଧୋକା ଦେଇ ଅଶ୍ଳୀଳ ଫଟୋ ଭାଇରାଲ କରିବା ଘଟଣାରେ ସୋମବାର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ପଲ୍ଲୀସାହି ଗ୍ରାମର ଲଳିତ ପଟ୍ଟନାୟକ। ଏନେଇ ପୀଡିତାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୨୨୫/୧୯)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଲଳିତଙ୍କ ପୀଡିତାଙ୍କ ସହ ମୋବାଇଲ ଜରିଆରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ଜୁନ୍ ୧୯ରେ ସେ ପୀଡିତାଙ୍କୁ ବୁଲାଇବା ବାହାନାରେ ଓଳାଶୁଣି ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ଅଶ୍ଳୀଳ ଫଟୋ ଉଠାଇ ନେଇଥିଲେ। ଏହାପରେ ସେ ସମ୍ପୃକ୍ତ ଛାତ୍ରୀଙ୍କୁ ଘର ଛାଡି ଚାଲିଆସିବାକୁ କହିଥିଲେ। ମାତ୍ର ପୀଡିତା ଜଣକ ଏଥିରେ ରାଜି ନ ହେବାରୁ ଲଳିତ ଅଶ୍ଳୀଳ ଫଟୋଗୁଡିକୁ ଭାଇରାଲ କରିଦେଇଥିଲେ। ଏନେଇ ପୀଡିତା ଜଣକ ଅକ୍ଟୋବର ୩୧ରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଅପରପକ୍ଷେ ଲଳିତ ଏସବୁ ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ ଫସାଇ ଦିଆଯାଇଛି ବୋଲି କହିଛନ୍ତି।

### ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ଘଟଣା
## କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

**ମାହାଙ୍ଗା,୪।୧୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଶିକ୍ଷା ବିଭାଗ ଅଧୀନ ଲଳିତଗିରି ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ଘଟଣାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ ହୋଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ବ୍ଲକ ଶିକ୍ଷା ଅଧିକାରୀ ସୋମବାର ଏହି ସୁପାରିସ କରିଛନ୍ତି। ଗତ ଶୁକ୍ରବାର ବିଦ୍ୟାଳୟରେ ଷାଣ୍ମାସିକ ପରୀକ୍ଷା ଚାଲୁଥିବା ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିଲା। ଅପରପକ୍ଷେ ଏହି ସମୟରେ ଶିକ୍ଷକମାନେ ଭୋଜିଭାତ କରିଥିଲେ। ଛାତ୍ରୀଛାତ୍ର ଉପାସରେ ଫେରିଥିଲେ। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାହାଙ୍ଗା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଏହି ତଦନ୍ତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଥିଲା।

### ପଞ୍ଚାୟତ ଉପନିର୍ବାଚନ ଯାଞ୍ଚ ପ୍ରକ୍ରିୟା ଶେଷ
## କୋଲଣପୁର ପଞ୍ଚାୟତର ସମସ୍ତ ପ୍ରାର୍ଥୀପତ୍ର କାଏମ

**ନିଶ୍ଚିନ୍ତକୋଇଲି,୪।୧୧(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କୋଲଣପୁର ପଞ୍ଚାୟତରେ ସରପଞ୍ଚ ଉପନିର୍ବାଚନ ପାଇଁ ସୋମବାର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ସେହିପରି ନିଶ୍ଚିନ୍ତକୋଇଲି ପଞ୍ଚାୟତର ୯ନମ୍ବର ୱାର୍ଡ ଓ ତିଳକଣା ପଞ୍ଚାୟତର ୭ ନମ୍ବର ୱାର୍ଡରେ ସଭ୍ୟ ପଦ ପାଇଁ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇ ଚୁଡାନ୍ତ ତାଲିକା ପ୍ରକାଶ ପାଇଛି। କୋଲଣପୁର ପଞ୍ଚାୟତରେ ୪ ସରପଞ୍ଚ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଏହି ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ରୂପାଲିନ ନାୟକ, ନିରୂପମା ସାହୁ, ଅହଲ୍ୟା ବେହେରା ଓ ସରସ୍ୱତୀ ବେହେରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ୭ ତାରିଖ ଧାର୍ଯ୍ୟ କରାଯାଇଛି। ନିଶ୍ଚିନ୍ତକୋଇଲିର ୯ନଂ ୱାର୍ଡ ଓ ତିଳିକଣାର ୭ ନଂ ୱାର୍ଡରେ ସଭ୍ୟ ପଦବୀ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ଥିବାରୁ ସେମାନେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କୋଲଣପୁର ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀଭାବେ ରୂପାଲି ଓ ଭାଜପା ସମର୍ଥିତ ପ୍ରାର୍ଥୀ ଭାବେ ଅହଲ୍ୟା ନିର୍ବାଚନ ପ୍ରଚାରରେ ଲାଗିଛନ୍ତି। ଅପରପକ୍ଷେ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯାଇ ନ ଥିବା ସୂଚନା ମିଳିଛି।

## ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ

**କଟକ ସଦର,୪।୧୧,(ଡି.ଏନ୍.ଏ.)**

କଟକ ସଦର ବ୍ଲକ ପରିସରରେ ସୋମବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ ୫୨୯ ଜଣଙ୍କୁ ପ୍ରାୟ ୨ ଲକ୍ଷ ୬୪ ହଜାର ଟଙ୍କାର ଆର୍ଥିକ ସହାୟତା ବଣ୍ଟନ କରିଥିଲେ। ଉପାଧକ୍ଷ ବିଭୂତି ଭୂଷଣ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦେବାଶିଷ ପଟ୍ଟନାୟକ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଓ ସମର ବେହେରା ଯୋଗଦେଇଥିଲେ।

## ମଦ ଜବତ, ଜଣେ ଗିରଫ

**ତିଗିରିଆ,୪।୧୧ (ଡି.ଏନ୍.ଏ.)**

ତିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ଗ୍ରାମରେ ସୋମବାର ସନ୍ଧ୍ୟାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୦ଲିଟରେ ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ଗ୍ରାମର ସନ୍ତୋଷ ପ୍ରଧାନଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ସହ ଥାନା ଏଏସ୍‌ଆଇ ରତ୍ନାକର ପ୍ରଧାନ ସାମିଲ ହୋଇଥିଲେ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଘଟଣା
## ଭାଜପା ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଭାଜପା ନେତୃମଣ୍ଡଳୀ।

**ବଡମ୍ବା,୪।୧୧(ଡି.ଏନ୍.ଏ.)**

ବଡମ୍ବା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ଘଟଣାରେ ସୋମବାର ଭାଜପା ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଏନେଇ ବଡ଼ମ୍ବାସ୍ଥିତ ରାଜବିଶ୍ୱମ୍ଭର କ୍ଲବରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇ ଅସନ୍ତୋଷବ୍ୟକ୍ତ କରାଯିବା ସହ ମାମଲା ନୁହେଁ ବରଂ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ଦଳବେହେରା ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ଘଟଣାରେ ବିଡିଓ ଓ ଅନ୍ୟମାନଙ୍କ ବିରୋଧରେ ବଡମ୍ବା ଥାନାରେ ମାମଲା ରୁଜୁ କରାଯାଇଛି ଏହି ପଦକ୍ଷେପକୁ ଭାଜପା ପକ୍ଷରୁ ସ୍ୱାଗତ କରାଯାଇଥିଲା। ମାତ୍ର ଏହି ମାମଲା କରି ହାତବାନ୍ଧି ବସିଗଲେ ହେବନାହିଁ ବରଂ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମ୍ମିଳନୀରେ ଦାବି ହୋଇଥିଲା। ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ନ୍ୟାୟ ନ ମିଳିଲେ ବ୍ଲକ କାର୍ଯ୍ୟାଳୟକୁ ତାଲା ପକାଇ ଅଚଳ କରିଦିଆଯିବ ବୋଲି ଚେତବାନୀ ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଭାଜପାର ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ପଣ୍ଡାଙ୍କ ସମେତ ସନ୍ତୋଷ କୁମାର ବେହେରା, ମନୋଜ କୁମାର ଉଦୟଭାନୁ, ଗୋପୀନାଥ ରଣା, ସରୋଜ କୁମାର ବେଉରା, ଆଲୋକ ଜେନା ଓ ବିପିନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଚାଉଳ ଚୋରି ଅଭିଯୋଗ

**ବାଙ୍କୀ,୪।୧୧(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ବୈଦେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶନିବାର ବିଦ୍ୟାଳୟରୁ ଚାଉଳ ଚୋରି କରିଥିବା ଅଭିଯୋଗ ହୋଇଛି। ଏନେଇ ବୈଦେଶ୍ୱର ଥାନାରେ ସୋମବାର ଗ୍ରାମବାସୀ ପକ୍ଷରୁ ମୌଖିକ ଅଭିଯୋଗ ହୋଇଥିବା ବେଳେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ପ୍ରଧାନ ଶିକ୍ଷକ ୨ ମାସ ପାଇଁ ଛୁଟିରେ ରହିଛନ୍ତି। ମାତ୍ର ଶନିବାର ସକାଳୁ ସେ ବିଦ୍ୟାଳୟକୁ ଆସି ଷ୍ଟୋର ରୁମ୍ ଖୋଲି ବ୍ୟାଗରେ କିଛି ଜିନିଷ ନେଇଯାଉଥିଲେ। ଏହି ସମୟରେ ଗ୍ରାମର ମଙ୍ଗୁଳି ଚରଣ ବେହେରା, ଭାବଗ୍ରାହୀ ନାୟକ ତାଙ୍କୁ କ’ଣ ନେଉଛ ବୋଲି ପ୍ରଶ୍ନ କରିବାରୁ ସେ କୌଣସି ଉତ୍ତର ନ ଦେଇ ଚାଲିଯାଇଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ସହ କୌଣସି ଯୋଗାଯୋଗ ହୋଇ ପାରି ନ ଥିବା ବେଳେ ପୂର୍ବରୁ ଗ୍ରାମବାସୀଙ୍କ ସହ ତାଙ୍କର ସମ୍ପର୍କ ଭଲ ନଥିବାରୁ ଏପରି ପ୍ରଚାର କରାଯାଇଥିବା ଚର୍ଚ୍ଚା ହେଉଛି। ଏସମ୍ପର୍କରେ ବାଙ୍କୀ ବ୍ଲକ ଶିକ୍ଷାଧିକାରୀ ଅଶୋକ କୁମାର ମହାନ୍ତି କହିଛନ୍ତି, ଅଦ୍ୟାବଧି ଏନେଇ କୌଣସି ଅଭିଯୋଗ ଆସିନାହିଁ। ତଥାପି ଖବରପାଇ ସିଆରସିସି ରମେଶ ବେହେରାଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ବେହେରା ସେଠାରୁ ଫେରି ଏସମ୍ପର୍କରେ ଅବଗତ କରାଇଛନ୍ତି। ଏନେଇ ଅଭିଯୋଗ ଆସିଲେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହାନ୍ତି କହିଛନ୍ତି। ଏସମ୍ପର୍କରେ ବୈଦ୍ୟେଶ୍ୱର ଥାନା ଅଧିକାରୀ ମାନସ ମିଶ୍ର କହିଛନ୍ତି, ଗ୍ରାମରୁ କିଛି ବ୍ୟକ୍ତି ଆସି ଏନେଇ କହିଥିଲେ ମଧ କୌଣସି ଲିଖିତ ଅଭିଯୋଗ ଦେଇ ନଥିଲେ ।

■ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରୋଗ୍ରାମ ମ୍ୟାନେଜରଙ୍କ ବଦଳିକୁ ବିରୋଧ

# କାର୍ଯ୍ୟାଳୟରେ ତାଲା ପକାଇ ଧାରଣା

**ନରସିଂହପୁର,୪।୧୧ (ଡି.ଏନ୍.ଏ.)**



ଆଶାକର୍ମୀମାନେ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି।

ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରୋଗ୍ରାମ ମ୍ୟାନେଜର ମନୋରଞ୍ଜନ ପରିଡାଙ୍କ ବଦଳିକୁ ବିରୋଧ କରାଯାଇଛି। ପ୍ରତିବାଦରେ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟାଳୟରେ ତାଲା ପକାଇ ୧୫୧ ଜଣ ଆଶା କର୍ମୀ ଧାରଣାରେ ବସିଛନ୍ତି। ସୂଚନାଯୋଗ୍ୟ, ପ୍ରୋଗ୍ରାମ ମ୍ୟାନେଜର ପରିଡ଼ାଙ୍କ ବଦଳି ନିଶ୍ଚିନ୍ତକୋଇଲିକୁ ହୋଇଯାଇଛି। ତାଙ୍କ ବଦଳି ବାତିଲ କରାଯାଇ ପୁନଃ ଅବସ୍ଥାପିତ କରିବା ପାଇଁ ଆଶାକର୍ମୀମାନେ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ

ଆଶା କର୍ମୀଙ୍କ ପକ୍ଷରୁ ବ୍ଲକ ଅଧକ୍ଷ, ବଡମ୍ବା ବିଧାୟକ, କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, କଟକ ରାଜ୍ୟପାଳ, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି ବୋଲି ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବା ନେତ୍ରୀ ନିଳାଦ୍ରୀ ନାୟକ କହିଛନ୍ତି। ଏ ସମ୍ପର୍କରେ ଆଶା କର୍ମୀ ସଂଘ ପକ୍ଷରୁ କୁହାଯାଇଛି, ପ୍ରୋଗ୍ରାମ ମ୍ୟାନେଜର ପରିଡାଙ୍କ କାର୍ଯ୍ୟ ଦକ୍ଷତା ଯୋଗୁ ବ୍ଲକର ୩୭ ପଞ୍ଚାୟତରେ ମାତୃ ଓ ଶିଶୁ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ବ୍ଲକରେ ଶତ ପ୍ରତିଶତ ଟିକା କରଣ ହୋଇଛି। ଏହି ଧାରଣା ଯୋଗୁ ବର୍ତ୍ତମାନ କାନପୁର ଗୋଷ୍ଠୀ କେନ୍ଦ୍ରର ସମସ୍ତ ସରକାରୀ କାମ ବନ୍ଦ ହୋଇଯାଇଛି। ଫଳରେ ଜନ୍ମ ମୃତ୍ୟୁ ପଞ୍ଜିକରଣ, ପ୍ରମାଣପତ୍ର ତଥା ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ବନ୍ଦ ହୋଇଯାଇଛି। କର୍ମଚାରୀ ବାହାରେ ବସି ବସି ଘରକୁ ଫେରିଯିବାକୁ ବାଧ ହୋଇଛନ୍ତି। କେବଳ ରୋଗୀ ମାନଙ୍କ ଚିକିତ୍ସାରେ ଆଶା କର୍ମୀମାନେ ବିରୋଧ କରୁ ନଥିବା ଡା. ସ୍ୱସ୍ତିକ ପଟ୍ଟନାୟକ କହିଛନ୍ତି।



ପ୍ରେମ ହିଁ ଭଗବାନ ଏବଂ ଭଗବାନ ହିଁ ପ୍ରେମ।

-ସାଇବାବା



## ସଂକ୍ଷେପରେ

### ହାସ୍ୟବ୍ୟଙ୍ଗ ପତ୍ରିକା ରସଗୁଲାର ପାର୍ବଣ ସଂଖ୍ୟା ଲୋକାର୍ପିତ

**କଟକ ଅଫିସ, ୪।୧୧:** ବିଶ୍ୱ ଓଡ଼ିଆ ସମ୍ମିଳନୀର ରାଜ୍ୟ ଶାଖା କାର୍ଯ୍ୟାଳୟଠାରେ ହାସ୍ୟରସାତ୍ମକ ତ୍ରୟୋମାସିକ ବ୍ୟଙ୍ଗ ପତ୍ରିକା ରସଗୁଲାର ପାର୍ବଣ ସଂଖ୍ୟା ସୋମବାର ଲୋକାର୍ପିତ ହୋଇଛି। ଏଥିରେ ପତ୍ରିକାର ସମ୍ପାଦକ ବାବାଜୀ ଚରଣ ଲେଙ୍କା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଶ୍ୱ ଓଡ଼ିଆ ସମ୍ମିଳନୀର ସଭାପତି ମୁରଲୀ ମନୋହର ଶର୍ମା ଯୋଗଦେଇଥିଲେ। ଏଥିରେ ନୀଳଶୈଳର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ନାୟକ, ଆୟୁଷ ଶର୍ମା ଯୋଗଦେଇଥିବାବେଳେ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ସ୍ୱାସ୍ଥ୍ୟସେବା ଶିବିର

**ଚୌଦ୍ୱାର,୪।୧୧ (ଡି.ଏନ୍.ଏ.):** ଗୋପାଷ୍ଟମୀ ଅବସରରେ ମଙ୍ଗରାଜପୁର ପଞ୍ଚାୟତର ବେରେଣା ସ୍ଥିତ ନନ୍ଦଗାଁ ବୃଦ୍ଧ ଗୋସେବା ଆଶ୍ରମ ପରିସରରେ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମେଳନ କଟକ ଶାଖା ପକ୍ଷରୁ ଆୟୋଜିତ ଶିବିରରେ ଆଖପାଖ ଅଞ୍ଚଳର ୧୨୨ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ମାରୱାଡ଼ି ମଞ୍ଚର ଜ୍ଞାନଚାନ୍ଦ ନାହେର, କମଲ ସିକାରିଆ, ନାଥମଲ ଚିନାନୀ, ପବନ ଗୁପ୍ତା, ପଦ୍ମା ବହୁସିଂକା ଶିବିର ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ସହକାରୀ ଶିକ୍ଷକଙ୍କ ପରଲୋକ

**କଟକ ଅଫିସ, ୪।୧୧:** କଟକ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅବସରପ୍ରାପ୍ତ ସହକାରୀ ଶିକ୍ଷକ ଅଲେଖ ସାମନ୍ତରାୟ(୭୧)ଙ୍କ ସୋମବାର ପରଲୋକ ଘଟିଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଖବରପାଇ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ସାମନ୍ତରାୟଙ୍କ ଶେଷ ଦର୍ଶନ କରିଥିଲେ। ୧୯୪୯ରେ ଜନ୍ମିତ ସାମନ୍ତରାୟ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ସ୍ଥିତ ପରିକ୍ଷୀତ ଯୁପି ସ୍କୁଲର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରି ୨୦୦୭ରେ ଅବସର ନେଇଥିଲେ। ଅବସର ପରେ ସେ ସମାଜସେବାରେ ସକ୍ରିୟ ରହିଥିଲେ। ସନ୍ଧ୍ୟାରେ ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନଭାଇ ପରେଶ ମୁଖାଗ୍ନି ଦେଇଥିଲେ।

### ମାଙ୍କଡ଼ା ବୋଝେଇ ଟ୍ରକ୍ ଜବତ: ଚାଳକ ଗିରଫ

**ଟିଗିରିଆ,୪।୧୧(ଡି.ଏନ୍.ଏ.):** ଟିଗିରିଆ ତହସିଲ ଅନ୍ତର୍ଗତ ପାଞ୍ଚଗାଁ ମିନିଷ୍ଟାଡ଼ିୟମ ନିକଟରେ ସୋମବାର ରାତି ପ୍ରାୟ ୯ଟା ସମୟରେ ବେଆଇନ ଭାବେ ଚାଲାଣ ହେଉଥିବା ଏକ ମାଙ୍କଡ଼ା ବୋଝେଇ ଟ୍ରକକୁ ଟିଗିରିଆ ତହସିଲଦାର ପରେଶ କୁମାର ନାୟକ ଜବତ କରିଛନ୍ତି। ଏହି ଘଟଣାରେ ଟ୍ରକ ଚାଳକ ମହେନ୍ଦ୍ର ରାଉତଙ୍କୁ ଗିରଫ କରାଯାଇଛି। ସେ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପଡିଯିବାରୁ ଆହତ ହୋଇଛନ୍ତି। ତାଙ୍କୁ ନିଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଥାନାକୁ ଅଣାଯାଇଛି। ସେ ଢେଙ୍କାନାଳର ଇନ୍ଦିପୁରଠାରୁ ପାଞ୍ଚଗାଁ ଗ୍ରାମ ଅଭିମୁଖେ ମାଙ୍କଡ଼ା ପଥର ଚାଲାଣ କରୁଥିବାବେଳେ ଧରାପଡ଼ିଥିଲେ। ମଙ୍ଗଳବାର ତାଙ୍କ ଠାରୁ ଜରିମାନା ଆଦାୟ ହେବ ବୋଲି ତହସିଲଦାର କହିଛନ୍ତି।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ସାଲେପୁର,୪।୧୧(ଡି.ଏନ୍.ଏ.):** ସାଲେପୁର ବ୍ଲକ ତରିତୋ ପଞ୍ଚାୟତ ଅନ୍ତର୍ଗତ ଗୋଠମିରା ଗ୍ରାମରେ ସୋମବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମା’ ଝାଙ୍କଡ଼େଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୫୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୪ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରୋଟାରୀ ପଠାଯାଇଥିଲା। ରୋଟାରୀର ଡାକ୍ତର ହରପ୍ରସନ୍ନ ସାହୁ, ଅନନ୍ୟା ବେହେରା, ଲିପ୍ସା ବେହେରା, ରାଜେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଯୁବନେତା ଲୋଲୁପ କୁମାର ବିଶ୍ୱାଳ, ଗଗନ ମହାପାତ୍ର, ପ୍ରଭାକର ସୂତାର୍, ଅନୀଲ୍ ପରିଡ଼ା ଓ ସନ୍ତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

■ ଫନୀ କ୍ଷତିଗ୍ରସ୍ତ ତାଲିକା ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ

# ବ୍ଲକ ଅଫିସ ଘେରିଲେ କ୍ଷତିଗ୍ରସ୍ତ

**ସାଲେପୁର,୪।୧୧ (ଡି.ଏନ୍.ଏ.)**



ଫନୀ କ୍ଷତିଗ୍ରସ୍ତ ତାଲିକାରୁ ବଞ୍ଚିତ ହୋଇଥିବା ଲୋକେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ବାଲିସାହି ପଞ୍ଚାୟତରେ ଗତ ଫନୀ ବାତ୍ୟାରେ ବହୁ ଲୋକଙ୍କ ଘର ଭାଙ୍ଗିଯାଇଛି। ମାତ୍ର କ୍ଷତିଗ୍ରସ୍ତଙ୍କ ତାଲିକାରୁ ବହୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଛନ୍ତି। ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସୋମବାର ସାଲେପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତର ଅନେକ ଲୋକ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସାଲେପୁର ବ୍ଲକ କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ସାଲେପୁର ବ୍ଲକର ବାଲିସାହି ପଞ୍ଚାୟତରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଲୋକ ଗତ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲେ। ସେଥିରୁ ୧୧୮ଜଣ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତ କରାଯାଇଥିଲା। ଅପରପକ୍ଷେ ଜିଓ ଟ୍ୟାଗିଂରେ କେବଳ ୮୦ଜଣଙ୍କ ନାମ ଚୁଡ଼ାନ୍ତ ତାଲିକାରେ ପକାଇପାଇଛି। ଗତ ଫନୀ ବାତ୍ୟାରେ ଏହି ପଞ୍ଚାୟତର ବହୁ ଲୋକଙ୍କ ଘର ଉଡ଼ିଯାଇଥିବାବେଳେ ବିଭିନ୍ନ କ୍ଷୟକ୍ଷତି ହୋଇଥିଲା। ମାତ୍ର ତାଲିକାରେ କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ଅନେକ ଲୋକଙ୍କର ନାମ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଅନେକ ଲୋକ ସାଲେପୁର ବ୍ଲକ୍ କାର୍ଯ୍ୟାଳୟକୁ ଆସି ବିଡ଼ିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ଏବଂ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି କଟକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମଧ୍ୟ ଏନେଇ ଏକ ଦାବିପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଶ୍ୱିନୀ କୁମାର ଦାସ, ଲୋଲୁପ କୁମାର ବିଶ୍ୱାଳ, ଜୟରାମ ବେହେରା, ରାଜେଶ ମହାନ୍ତି, ପର୍ଶୁରାମ ଦିକ୍ଷୀତ, ଗୁଲଜାର ଅଲ୍ଲୀ, ଆଶାଲତା ସାମଲ, ସନ୍ଧ୍ୟାରାଣୀ ମିଶ୍ର, ଅଶୋକ କାଣ୍ଡି ଓ ମନୋରଞ୍ଜନ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

■୩୦୦ରୁ ଉର୍ଦ୍ଧ୍ୱ କ୍ଷତିଗ୍ରସ୍ତ

■ଚୂଡ଼ାନ୍ତ ତାଲିକାରେ କେବଳ ୮୦ଜଣଙ୍କ ନାମ

# ଅପହୃତା ଯୁବତୀ ଉଦ୍ଧାର

**ବାଙ୍କୀ,୪।୧୧(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଗେପାଳ ପଞ୍ଚାୟତର ମଙ୍ଗଳା ମନ୍ଦିରର ନିକଟରୁ ଅପହୃତା ହୋଇଥିବା ଜଣେ ଯୁବତୀଙ୍କୁ ବାଙ୍କୀ ପୋଲିସ ସୋମବାର ଖୋର୍ଦ୍ଧା କାଇପଦରରୁ ଉଦ୍ଧାର କରିଛି। ତାଙ୍କୁ ବାଙ୍କୀ ଥାନାରେ ରଖାଯାଇଛି।

ରବିବାର ସନ୍ଧ୍ୟାରେ ସମ୍ପୃକ୍ତ ଯୁବତୀ ମଙ୍ଗଳା ମନ୍ଦିର ନିକଟ ନଳକୂପକୁ ପାଣି ଆଣିବାକୁ ଯାଇଥିଲେ। ମାତ୍ର ବହୁସମୟ ଧରି ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଏନେଇ ରାତିରେ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ.୩୦୫/୧୯)ରୁଜୁ ହୋଇଥିଲା। ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ ବିଶ୍ୱାଳ ଓ ଆଇଆଇସି ସମୀର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଏସ୍ ଆଇ ରବିନାରାୟଣ ପରିଡା ଏହି ଘଟଣାର ତଦନ୍ତ କରିଥିଲେ। ସେ ସମ୍ପୃକ୍ତ ଯୁବତୀଙ୍କ ମୋବାଇଲକୁ ଟ୍ରାକିଂ କରି ଖୋର୍ଦ୍ଧା କାଇପଦରସ୍ଥିତ ମାମୁଁଘରୁ ତାଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ପୋଲିସ ଜଣକକୁ ଅଟକ ରଖି ପଚରାଉଚୁରା କରୁଛି। ମଙ୍ଗଳବାର ସମ୍ପୃକ୍ତ ଯୁବତୀଙ୍କ ଡାକ୍ତରୀମାଇନା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ପରିବାର ଲୋକଙ୍କ କହିବାନୁସାରେ, ତାଙ୍କ ଝିଅକୁ ୪ ଜଣ ଲୋକ ନଳକୂପ ନିକଟରୁ ଉଠାଇ ନେଇଥିଲେ। ସେମାନେ ତାକୁ ଭୁବନେଶ୍ୱର ନେଇଯାଇଥିଲେ। ସେଠାରେ ସମ୍ପୃକ୍ତ ଯୁବତୀ ଜଣକ ପାଟି କରିବାରୁ ତାକୁ ଅଟୋରେ ବାଲୁଗାଁ ନେବାକୁ ଯୋଜନା କରିଥିଲେ। ଅଟୋରେ ଯୁବତୀଙ୍କ ଚିତ୍କାର ଶୁଣି ଆଉ ଏକ ଅଟୋ ତାଙ୍କୁ ଅନୁସରଣ କରିଥିଲା। ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ ପାଖରେ ୪ ଜଣ ଅଭିଯୁକ୍ତ ଅଟୋରୁ ଓହ୍ଲାଇ ଦହିବରା ଖାଇବାକୁ ଯାଇଥବା ବେଳେ ପଛରେ ଆସୁଥିବା ଅଟୋ ଚାଳକ ଝିଅକୁ ଉଦ୍ଧାର କରି କାଇପଦରସ୍ଥିତ ମାମୁଁ ଘରେ ଛାଡିଥିଲେ। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ଲୋକେ ଥାନାରେ ଜଣାଇଛନ୍ତି କି ନାହିଁ ତାହା ଜଣାପଡିନାହିଁ। ମଙ୍ଗଳବାର ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ।

# ଥାନାରୁ ହଟିବ ଜବତ ଗାଡି

**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

**ଗୋଟିଏ ଜାଗାରେ ରଖାଯିବ**

କମିଶନରେଟ ପୋଲିସ ଅଧୀନ କଟକ ଓ ଭୁବନେଶ୍ୱରର ବିଭିନ୍ନ ଥାନାରେ ପାହାଡ ପରି ଗଦାହୋଇଛି ଜବତ ଗାଡ଼ି। ଏହାଦ୍ୱାରା ଥାନାର ଶୋଭା ନଷ୍ଟ ହେବା ସହ ସେଥିରୁ ପାର୍ଟ୍ସ ଚୋରି ହୋଇଯାଉଛି। ଏହା କୋର୍ଟ ସମ୍ପତ୍ତି ହୋଇଥିବାରୁ ପରବର୍ତ୍ତୀ ସମୟରେ ପୋଲିସ ପାଇଁ ଅଡୁଆ ହେଉଛି। ତେଣୁ କିଭଳି ଏହି ଜବତ ଗାଡିଗୁଡିକ ସୁରକ୍ଷିତ ରଖାଯିବ ସେନେଇ କମିଶନରେଟ ପୋଲିସ ପକ୍ଷରୁ ଏକ ଯୋଜନା କରାଯାଇଛି। ଏଥିପାଇଁ ଭୁବନେଶ୍ୱରରେ ଏକ ଖୋଲାପଡ଼ିଆ ବଛାଯିବ। ସେ ବାବଦରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ଠାରୁ ଅନୁମତି ମିଳିବା ପରେ ଜବତ ଗାଡ଼ିଗୁଡ଼ିକୁ ସେଠାରେ ରଖାଯିବ। ପୋଲିସ କର୍ମଚାରୀ ନିୟୋଜିତ ହେବା ସହ ସିସିଟିଭି କ୍ୟାମେରା ଲଗାଯିବ। ଜଣେ ପୋଲିସ ଅଧିକାରୀ ଏହାର ତଦାରଖ ଦାୟିତ୍ୱରେ ରହିବେ। ଗାଡିଗୁଡିକର ନମ୍ବର, ମାଲିକଙ୍କ ନାମ ସମେତ ଅନ୍ୟାନ୍ୟ ତଥ୍ୟ ସମ୍ବଳିତ ଏକ ତାଲିକା ସେଠାରେ ରଖାଯିବ। କୌଣସି ବ୍ୟକ୍ତି ତାଙ୍କ ଗାଡ଼ି ଚୋରି ହୋଇଥିଲେ ସେଠାରୁ ସେ ତଥ୍ୟ ସଂଗ୍ରହ କରିପାରିବେ। କଟକରେ ମଧ୍ୟ ଏଭଳି ବ୍ୟବସ୍ଥା କରାଯିବ। ଏଯାଏ ଜାଗା ଚିହ୍ନଟ ହୋଇ ନ ଥିଲେ ମଧ୍ୟ ଏହି ଯୋଜନା ବାବଦରେ କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଅପରାଧ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଥିଲା।



ଗୋପାଷ୍ଟମୀ ଅବସରରେ ସୋମବାର କଟକ ମାଣିକଘୋଷ ବଜାରସ୍ଥିତ ମାରୱାଡ଼ି କ୍ଲବ ପରିସରରେ ଅନୁଷ୍ଠିତ ଗୋପୂଜନ।

# ବିଭିନ୍ନ ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ




ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

**କଟକ ଅଫିସ, ୪।୧୧**

ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଙ୍ଗନୱାଡି କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ସର୍ବନିମ୍ନ ମାସିକ ୧୮ହଜାର ଟଙ୍କା ଦରମା ପ୍ରଦାନ ଭଳି ଅନେକ ଦାବି ଆଦି ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି। ଏଥିରେ ଭାରତୀୟ ମଜଦୁର ସଂଘର ରାଜ୍ୟ ଅସଙ୍ଗଠିତ କ୍ଷେତ୍ର ପ୍ରମୁଖ ବସନ୍ତ ସାହୁ, ଜିଲା ସଭାପତି ଗୌରାଙ୍ଗ ଚରଣ ରଥ, ସମ୍ପାଦକ ଭାଗୀରଥି ବେହେରା, ଆସୋସିଏଶନର ଜିଲା ସଭାନେତ୍ରୀ ଗୀତାରାଣୀ ମହାନ୍ତି, ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ସିଂ, ପ୍ରମିଳା ଦାସ ପ୍ରମୁଖ ଯୋଗଦେଇଥିଲେ।

### ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଟାଙ୍ଗୀ(କଟକ), ୪।୧୧,(ଡି.ଏନ୍.ଏ.)**

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଡିସେମ୍ବର ୨୦ରେ ଅନୁଷ୍ଠିତ ହେବ। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରତିଷ୍ଠାତା ଅଜୟ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ର ସଂସଦର ସଦସ୍ୟ, ପରିଚାଳନା କମିଟି ସଦସ୍ୟ, ପରାମର୍ଶଦାତା କମିଟି ସଦସ୍ୟ ଓ ଷ୍ଟାଫ କାଉନସେଲିଂ ସଦସ୍ୟମାନେ ଉପସ୍ଥିତ ଥିଲେ। ଗରୁଡଗାଁ ସରପଞ୍ଚ ତଥା କଲେଜ ପରିଚାଳନା କମିଟି ସଦସ୍ୟ ସୁବୋଧ କୁମାର ସାମଲ ରୌପ୍ୟ ଜୟନ୍ତୀ କମିଟି ସଭାପତି ଭାବେ ମନୋନୀତ ହୋଇଥିଲେ। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପରିଚାଳନା କମିଟି, ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଉତ୍ସବ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପରିବେଶ ସୁରକ୍ଷା, ବୃକ୍ଷରୋପଣ ସହ ସ୍ମରଣିକା ‘ତାରାମଣି’ ଉନ୍ମୋଚନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ପ୍ରଦ୍ୟୁମ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ।

ପଞ୍ଚାୟତ ଉପନିର୍ବାଚନ ଯାଞ୍ଚ ପ୍ରକ୍ରିୟା ଶେଷ

# କୋଲଣପୁର ପଞ୍ଚାୟତର ସମସ୍ତ ପ୍ରାର୍ଥୀପତ୍ର କାଏମ

**ନିଶ୍ଚିନ୍ତକୋଇଲି,୪।୧୧(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କୋଲଣପୁର ପଞ୍ଚାୟତରେ ସରପଞ୍ଚ ଉପନିର୍ବାଚନ ପାଇଁ ସୋମବାର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ସେହିପରି ନିଶ୍ଚିନ୍ତକୋଇଲି ପଞ୍ଚାୟତର ୯ନମ୍ବର ୱାର୍ଡ ଓ ତିଲକଣା ପଞ୍ଚାୟତର ୭ ନମ୍ବର ୱାର୍ଡରେ ସଭ୍ୟ ପଦ ପାଇଁ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇ ଚୁଡାନ୍ତ ତାଲିକା ପ୍ରକାଶ ପାଇଛି। କୋଲଣପୁର ପଞ୍ଚାୟତରେ ୪ ସରପଞ୍ଚ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଏହି ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ରୂପାଲିନ ନାୟକ, ନିରୂପମା ସାହୁ, ଅହଲ୍ୟା ବେହେରା ଓ ସରସ୍ୱତୀ ବେହେରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ୭ ତାରିଖ ଧାର୍ଯ୍ୟ କରାଯାଇଛି। ନିଶ୍ଚିନ୍ତକୋଇଲିର ୯ନଂ ୱାର୍ଡ ଓ ତିଲିକଣାର ୭ ନଂ ୱାର୍ଡରେ ସଭ୍ୟ ପଦବୀ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କୋଲଣପୁର ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀଭାବେ ରୂପାଲି ଓ ଭାଜପା ସମର୍ଥିତ ପ୍ରାର୍ଥୀ ଭାବେ ଅହଲ୍ୟା ନିର୍ବାଚନ ପ୍ରଚାରରେ ଲାଗିଛନ୍ତି। ଅପରପକ୍ଷେ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯାଇ ନ ଥିବା ସୂଚନା ମିଳିଛି।

### ହିତାଧିକାରୀଙ୍କୁ ସହାୟତାରାଶି ବଣ୍ଟନ

**କଟକ ସଦର,୪।୧୧,(ଡି.ଏନ୍.ଏ.)**

କଟକ ସଦର ବ୍ଲକ ପରିସରରେ ସୋମବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ ୫୨୯ ଜଣଙ୍କୁ ପ୍ରାୟ ୨ ଲକ୍ଷ ୬୪ ହଜାର ଟଙ୍କାର ଆର୍ଥିକ ସହାୟତା ବଣ୍ଟନ କରିଥିଲେ। ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦେବାଶିଷ ପଟ୍ଟନାୟକ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଓ ସମର ବେହେରା ଯୋଗଦେଇଥିଲେ।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

**ଟାଙ୍ଗୀ(କଟକ),୪।୧୧(ଡି.ଏନ୍.ଏ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଶିବିର ପରିଚାଳନା କରିଥିଲେ। ଏଥିରେ ୩୨୦ ବ୍ୟକ୍ତିଗତ ଓ ୧୪ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସେଥିମଧ୍ୟରୁ ୨୧୨ ଅଭିଯୋଗର ତତ୍କାଳ ସାମାଧାନ ହୋଇଥିଲା। ଭିନ୍ନକ୍ଷମ ଭତ୍ତା ୬ଟି ଓ ଅନ୍ୟାନ୍ୟ ଭତ୍ତା ୪୮ଟି ମଞ୍ଜୁର ନିମନ୍ତେ ସୁପାରିଶ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଜଣେ, ରେଡକ୍ରସ୍ ପାଣ୍ଠିରୁ ଜଣେ ଓ ଏନ୍‌ଏଫ୍‌ବିଏସ୍‌ରେ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ମାତ୍ର ଗୋଷ୍ଠୀଗତ ଅଭିଯୋଗରେ ରହିଥିବା ନଖରା ପଞ୍ଚାୟତ ଆବାସ ଦୁର୍ନୀତି, ଟାଙ୍ଗୀ-ସାଲେପୁର ରାସ୍ତାର ଟିକରା ଗ୍ରାମ ନିକଟ ଗେଙ୍ଗୁଟି ପୋଲ ନିର୍ମାଣ, ଭଙ୍ଗିମୁଣ୍ଡା, ଜରିପଡ଼ା, ନପଙ୍ଗ ଓ ଗୋବିନ୍ଦପୁର ପଞ୍ଚାୟତରେ ଷଣ୍ଢ ଉତ୍ପାତ ଘଟଣାକୁ କେନ୍ଦ୍ରକରି ଶିବିରରେ ହଇଗୋଳ ହୋଇଥିଲା। ବିଡ଼ିଓ ବିନୋଦ କୁମାର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସେକ୍ ଅବଦୁଲ ଅଖତାର, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ଉପାଧ୍ୟକ୍ଷା ଜାନକୀ ପରିଡ଼ା, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ, ସିଡିଏମ୍‌ଓ ସତ୍ୟବ୍ରତ ଛୋଟରାୟ ଓ ସିଡିପିଓ ପଦ୍ମିନୀ ବକ୍ସିଙ୍କ ସମେତ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଚାଉଳ ଚୋରି ଅଭିଯୋଗ

**ବାଙ୍କୀ,୪।୧୧(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ବୈଦେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶନିବାର ବିଦ୍ୟାଳୟରୁ ଚାଉଳ ଚୋରି କରିଥିବା ଅଭିଯୋଗ ହୋଇଛି। ଏନେଇ ବୈଦେଶ୍ୱର ଥାନାରେ ସୋମବାର ଗ୍ରାମବାସୀ ପକ୍ଷରୁ ମୌଖିକ ଅଭିଯୋଗ ହୋଇଥିବା ବେଳେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ପ୍ରଧାନ ଶିକ୍ଷକ ୨ ମାସ ପାଇଁ ଛୁଟିରେ ରହିଛନ୍ତି। ମାତ୍ର ଶନିବାର ସକାଳୁ ସେ ବିଦ୍ୟାଳୟକୁ ଆସି ଷ୍ଟୋର ରୁମ୍ ଖୋଲି ବ୍ୟାଗରେ କିଛି ଜିନିଷ ନେଇଯାଉଥିଲେ। ଏହି ସମୟରେ ଗ୍ରାମର ମଙ୍ଗୁଳି ଚରଣ ବେହେରା, ଭାବଗ୍ରାହୀ ନାୟକ ତାଙ୍କୁ କ’ଣ ନେଉଛ ବୋଲି ପ୍ରଶ୍ନ କରିବାରୁ ସେ କୌଣସି ଉତ୍ତର ନ ଦେଇ ଚାଲିଯାଇଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ସହ କୌଣସି ଯୋଗାଯୋଗ ହୋଇ ପାରି ନ ଥିବା ବେଳେ ପୂର୍ବରୁ ଗ୍ରାମବାସୀଙ୍କ ସହ ତାଙ୍କର ସମ୍ପର୍କ ଭଲ ନଥିବାରୁ ଏପରି ପ୍ରଚାର କରାଯାଇଥିବା ଚର୍ଚ୍ଚା ହେଉଛି। ଏସମ୍ପର୍କରେ ବାଙ୍କୀ ବ୍ଲକ ଶିକ୍ଷାଧିକାରୀ ଅଶୋକ କୁମାର ମହାନ୍ତି କହିଛନ୍ତି, ଅଦ୍ୟାବଧି ଏନେଇ କୌଣସି ଅଭିଯୋଗ ଆସିନାହିଁ। ତଥାପି ଖବରପାଇ ସିଆରସିସି ରମେଶ ବେହେରାଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ବେହେରା ସେଠାରୁ ଫେରି ଏସମ୍ପର୍କରେ ଅବଗତ କରାଇଛନ୍ତି। ଏନେଇ ଅଭିଯୋଗ ଆସିଲେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହାନ୍ତି କହିଛନ୍ତି। ଏସମ୍ପର୍କରେ ବୈଦେଶ୍ୱର ଥାନା ଅଧିକାରୀ ମାନସ ମିଶ୍ର କହିଛନ୍ତି, ଗ୍ରାମରୁ କିଛି ବ୍ୟକ୍ତି ଆସି ଏନେଇ କହିଥିଲେ ମଧ୍ୟ କୌଣସି ଲିଖିତ ଅଭିଯୋଗ ଦେଇ ନଥିଲେ ।

■ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରୋଗ୍ରାମ ମ୍ୟାନେଜରଙ୍କ ବଦଳିକୁ ବିରୋଧ

# କାର୍ଯ୍ୟାଳୟରେ ତାଲା ପକାଇ ଧାରଣା

**ନରସିଂହପୁର,୪।୧୧ (ଡି.ଏନ୍.ଏ.)**



ଆଶାକର୍ମୀମାନେ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି।

ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରୋଗ୍ରାମ ମ୍ୟାନେଜର ମନୋରଞ୍ଜନ ପରିଡାଙ୍କ ବଦଳିକୁ ବିରୋଧ କରାଯାଇଛି। ପ୍ରତିବାଦରେ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟାଳୟରେ ତାଲା ପକାଇ ୧୫୧ ଜଣ ଆଶା କର୍ମୀ ଧାରଣାରେ ବସିଛନ୍ତି। ସୂଚନାଯୋଗ୍ୟ, ପ୍ରୋଗ୍ରାମ ମ୍ୟାନେଜର ପରିଡ଼ାଙ୍କ ବଦଳି ନିଶ୍ଚିନ୍ତକୋଇଲିକୁ ହୋଇଯାଇଛି। ତାଙ୍କ ବଦଳି ବାତିଲ କରାଯାଇ ପୁନଃ ଅବସ୍ଥାପିତ କରିବା ପାଇଁ ଆଶାକର୍ମୀମାନେ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ଆଶା କର୍ମୀଙ୍କ ପକ୍ଷରୁ ବ୍ଲକ ଅଧ୍ୟକ୍ଷ, ବଡମ୍ବା ବିଧାୟକ, କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, କଟକ ରାଜ୍ୟପାଳ, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି ବୋଲି ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବା ନେତ୍ରୀ ନିଳାଦ୍ରୀ ନାୟକ କହିଛନ୍ତି। ଏ ସମ୍ପର୍କରେ ଆଶା କର୍ମୀ ସଂଘ ପକ୍ଷରୁ କୁହାଯାଇଛି, ପ୍ରୋଗ୍ରାମ ମ୍ୟାନେଜର ପରିଡାଙ୍କ କାର୍ଯ୍ୟ ଦକ୍ଷତା ଯୋଗୁ ବ୍ଲକର ୩୭ ପଞ୍ଚାୟତରେ ମାତୃ ଓ ଶିଶୁ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଛି। ବ୍ଲକରେ ଶତ ପ୍ରତିଶତ ଟିକା କରଣ ହୋଇଛି। ଏହି ଧାରଣା ଯୋଗୁ ବର୍ତ୍ତମାନ କାନପୁର ଗୋଷ୍ଠୀ କେନ୍ଦ୍ରର ସମସ୍ତ ସରକାରୀ କାମ ବନ୍ଦ ହୋଇଯାଇଛି। ଫଳରେ ଜନ୍ମ ମୃତ୍ୟୁ ପଞ୍ଜିକରଣ, ପ୍ରମାଣପତ୍ର ତଥା ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ବନ୍ଦ ହୋଇଯାଇଛି। କର୍ମଚାରୀ ବାହାରେ ବସି ବସି ଘରକୁ ଫେରିଯିବାକୁ ବାଧ ହୋଇଛନ୍ତି। କେବଳ ରୋଗୀ ମାନଙ୍କ ଚିକିତ୍ସାରେ ଆଶା କର୍ମୀମାନେ ବିରୋଧ କରୁ ନଥିବା ଡା. ସ୍ୱସ୍ତିକ ପଟ୍ଟନାୟକ କହିଛନ୍ତି।



ପ୍ରେମ ହିଁ ଭଗବାନ ଏବଂ ଭଗବାନ ହିଁ ପ୍ରେମ। -ସାଇବାବା

## ସଂକ୍ଷେପରେ

### ୭୦ ଦିବ୍ୟାଙ୍ଗଙ୍କୁ ମିଳିବ କୃତ୍ରିମ ଅଙ୍ଗ

**ପୁରୀ ଅଫିସ, ୪।୧୧:** ପୁରୀ ଜିଲାରେ ଫନୀ କ୍ଷତିଗ୍ରସ୍ତ ଦିବ୍ୟାଙ୍ଗମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଫୁଲ୍ଲ ଯୋଜନାରେ ନୂତନ ଭାବେ ୭୦ ଜଣଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କୁ ଆସନ୍ତା ୭ ତାରିଖରେ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯିବା ଲାଗି ସ୍ଥିର କରାଯାଇଛି। ସଦ୍‌ଭାବନା ସଭାଗୃହରେ ପୂର୍ବାହ୍ନ ୧୦ଟାରେ ଏହି କୃତ୍ରିମ ଅଙ୍ଗ ବିତରଣ କ୍ୟାମ୍ପ ଅନୁଷ୍ଠିତ ହେବ। ସୂଚନାଥାଉ କି, ଗତ ଅଗଷ୍ଟ ୨୦ ତାରିଖରେ ଜିଲା ସଂସ୍କୃତି ଭବନରେ କୃତ୍ରିମ ଅଙ୍ଗ ମାପ ଶିବିର ଆୟୋଜିତ ହୋଇଥିଲା। ତେଣୁ କୃତ୍ରିମ ଅଙ୍ଗ ପାଇବାକୁ ଯୋଗ୍ୟ ବିବେଚିତ ହିତାଧିକାରୀମାନେ ସୂଚିତ ସମୟ ଓ ସ୍ଥାନରେ ପହଞ୍ଚିବା ଲାଗି ଜିଲା ସମାଜ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ ଜଣାଇଛନ୍ତି।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା ଅଫିସ,୪।୧୧: ଖୋର୍ଦ୍ଧା ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୨୫ଟି ଅଭିଯୋଗ ହୋଇଥିବା ବେଳେ ଏହାର ତ୍ୱରିତ ସମାଧାନ ହୋଇଥିଲା। ପ୍ରାୟ ୫ଜଣ ଅଭିଯୋଗକାରୀ ଉପସ୍ଥିତ ଥିଲେ ମଧ୍ୟ ଅଭିଯୋଗ ଶୁଣାଣି କରିବାରେ ଭାଗ ନେଇ ପାରି ନ ଥିଲେ। ଶୁଣାଣି ଶେଷ ହୋଇଯାଇଥିଲା।

### ନବ ଦିନ ବ୍ୟାପୀ ରାମଚରିତମାନସ

**କୃଷ୍ଣପ୍ରସାଦ,୪।୧୧(ଡି.ଏନ.ଏ.)-** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଡିଆକୁଦା ଗାଁରେ ୧୮ ତମ ରାମଚରିତ ମାନସ ପାରାୟଣ ଓ ପ୍ରବଚନ ହେଉଅଛି । ଗତ ମାସ ୨୮ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟହ ସୂର୍ଯ୍ୟପୂଜା , ପାରାୟଣ କାର୍ଯ୍ୟକ୍ରମ ହେଉଛି । ଗ୍ରାମର ବୃନ୍ଦାବନ ଦେବଙ୍କ ମନ୍ଦିର ପରିସରରେ ହେଉଥିବା ଏହି ପାରାୟଣକୁ ଦେଖିବା ପାଇଁ ପ୍ରତ୍ୟେହ ବିଭିନ୍ନ ଗ୍ରାମରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ସମାଗମ ହେଉଛି। ପର୍ଶୁରାମ ବ୍ୟାସ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ପ୍ରବଚକ ବେଣୁଧର ମହାପାତ୍ର ପ୍ରବଚନ ଦେଉଛନ୍ତି ।

### ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

**ନିରାକାରପୁର,୪।୧୧(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ୨୦୦୩ ବର୍ଷର ଯୁକ୍ତ ୩ ରାଜନୀତି ବିଜ୍ଞାନ (ସମ୍ମାନ) ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସ୍ଥାନୀୟ ମା' ଉଗ୍ରତାରାଙ୍କ ପୀଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରମାନଙ୍କ ସହ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ରହି ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ସେ ସମୟରେ ଶିକ୍ଷାଦାନ କରୁଥିବା ୨ ଅଧ୍ୟାପକ ସୁକାନ୍ତ କୁମାର ପଟ୍ଟନାୟକ ଓ ଡ. ପ୍ରଭାତ କୁମାର ଦାସଙ୍କୁ ଛାତ୍ରମାନେ ପାଛୋଟି ନେଇ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଦ୍ୱୟ ଅତ୍ୟନ୍ତ ଆନନ୍ଦିତ ହୋଇ ସେମାନଙ୍କ ଉତ୍ତୋରତର କାମନା କରିଥିଲେ। ସୌମ୍ୟରଞ୍ଜନ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ ।

# ଅଭିଯୋଗ ଶୁଣାଣିକୁ ବିତିଲା ୯ମାସ, ପଦକ୍ଷେପ ଶୂନ

**ଖୋର୍ଦ୍ଧା ଅଫିସ,୪।୧୧**

ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଫାର୍ସ ପାଲଟିଛି ବୋଲି ସୋମବାର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଖୋର୍ଦ୍ଧା ବ୍ଲକରେ ସୋମବାର ଅନୁଷ୍ଠିତ ଶିବିରରେ ଜିଲାପାଳଙ୍କୁ ଭେଟି କ୍ଷୋଭ ପ୍ରକାଶ କରିଛନ୍ତି। ଅଭିଯୋଗର ୯ମାସ ପରେ ବି ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଉଛି। ଅଭିଯୋଗ ଅନୁସାରେ, ଗତ ଫେବୃୟାରୀ ୪ରେ ଖୋର୍ଦ୍ଧା ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଖୋର୍ଦ୍ଧା ସହରର ସମସ୍ୟା ଓ ହିତାଧିକାରୀଙ୍କ ଅସୁବିଧା ସମ୍ପର୍କରେ ଅଭିଯୋଗ ହୋଇଥିଲା। ବାତ୍ୟା ପରେ ମଧ୍ୟ ଅଭିଯୋଗ ଶୁଣାଣିରେ ଫନୀ ବିପନ୍ନଙ୍କ ଅନୁରୂପ ଅଭିଯୋଗ ରହିଥିଲା। ଘଟଣାର ସମାଧାନ ପାଇଁ ଜିଲାପାଳ ଖୋର୍ଦ୍ଧା ପୌର ନିର୍ବାହୀ ଅଧିକାରୀ ଓ ଖୋର୍ଦ୍ଧା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୯ମାସ ଭିତରେ ପୌର ନିର୍ବାହୀ ଅଧିକାରୀ ଓ ଖୋର୍ଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟକୁ ଅଭିଯୋଗକାରୀ ଆସୁଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଉପଜିଲାପାଳ, ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କ ଅନୁପସ୍ଥିତି ଯୋଗୁ ଜମି ପଟ୍ଟା, ଜାତି ସାର୍ଟିଫିକେଟ୍, ଲିଗାଲ ହାୟାର ସାର୍ଟିଫିକେଟ ପାଇ ପାରିଲେନାହିଁ। ଖୋର୍ଦ୍ଧା ସହରର ଭୂମିହୀନମାନେ ଜମି ଅଧିଗ୍ରହଣ ପ୍ରମାଣପତ୍ର ପାଇନାହାନ୍ତି। ନୂଆ ଡ୍ରେନ ନିର୍ମାଣ ହୋଇଥିଲେ ମଧ୍ୟ ସଂଯୋଗୀକରଣ ନ ଥିବାରୁ ନର୍ଦ୍ଦମା ଜଳ ରାସ୍ତା ଉପରେ ଯାଇ କୃତ୍ରିମ ବନ୍ୟା ହେଉଛି। ଅଧିକାଂଶ ସ୍ଥାନ ଅନ୍ଧାରରେ ଥିବାବେଳେ କେତେକ ସ୍ଥାନରେ ଦିନ ଓ ରାତିରେ ଲାଇଟ୍ ଜଳୁଛି। ଏନେଇ ଖୋର୍ଦ୍ଧା ନଗର କଂଗ୍ରେସ ସଭାପତି ରଣଜିତ୍ ମହାପାତ୍ର କୁହନ୍ତି, ଜିଲାପାଳ ଅଭିଯୋଗ ଶୁଣିବା ପରେ ତ୍ୱରିତ ପଦକ୍ଷେପ ନେବେ ବୋଲି କହିଛନ୍ତି।

**ପରାଗତି ହେଉନି ଡ୍ରେନ, ଭୂମିହୀନଙ୍କୁ ଅଣଦେଖା**



ଜିଲାପାଳଙ୍କ ନିକଟରେ ଫେରାଦ ହେବାକୁ ଆସିଥିବା ଗ୍ରାମବାସୀ ।

### ଲେନ୍ସ ପାଇଁ ମିଳୁନି ସହାୟତା

ବେଗୁନିଆ ବ୍ଲକ ବାଘମାରୀର ଦେବବ୍ରତ ବେହେରା। ୨ବର୍ଷ ୪ମାସ। ଜନ୍ମରୁ ଭଲ ଭାବେ ଆଖିକୁ ଦିଶୁନି। ଲେନ୍ସ ପକାଇଲେ ଆଖିକୁ ଭଲ ଭାବେ ଦେଖାଯିବ। ଏଥିପାଇଁ ୧ଲକ୍ଷ ୬୪ହଜାର ଟଙ୍କା ଆବଶ୍ୟକ। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଦେବବ୍ରତଙ୍କ ବାପା ରଘୁନାଥ ବେହେରା ଆସି ସୁଫଳ ନ ମିଳିବାରୁ ରାଜ୍ୟପାଳଙ୍କ ନିକଟରେ ନିବେଦନ କରିଥିଲେ। ରାଜ୍ୟପାଳ ପିଲାର ଅବସ୍ଥା ଦେଖି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ। ହେଲେ ସୁଫଳ ନ ମିଳିବାରୁ ଏ ନେଇ ରଘୁନାଥ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୂଚନା ଆଇନ ଅନୁସାରେ ତଥ୍ୟ ମାଗିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଉତ୍ତର ଆସିଥିଲା। ଲୋକସୂଚନା ଅଧିକାରୀ ମନୋଜ ସ୍ୱାଇଁଙ୍କ ସୂଚନା ଅନୁସାରେ, ରାଜ୍ୟପାଳଙ୍କ ଦପ୍ତରରୁ ଗତ ସେପ୍ଟେମ୍ବର ୧୫ରେ ଚିଠି ହସ୍ତଗତ ହୋଇଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡାଏରୀ ସଂଖ୍ୟା ୫୧୨୧,୨୫।୯।୨୦୧୯ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କୁ ଭେଟି ପିଲାଟିର ଆଖିର ସୁରକ୍ଷା ପାଇଁ ଆର୍ଥିକ ସହାୟତା ଦେବାକୁ ନିବେଦନ କରିଛନ୍ତି ।

## ମହିଳାଙ୍କଠାରୁ ଲୁଟ୍ ଘଟଣା : ଜଣେ କୋର୍ଟଚାଲାଣ

**ବୋଲଗଡ,୪।୧୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ ଥାନା ସୀମାନ୍ତରେ ଥିବା ବିଜୁପୁର ଗେଟ ନିକଟ ୫୭ନଂ ଜାତୀୟ ରାଜପଥରେ ଜଣେ ମହିଳାଙ୍କଠାରୁ ଭ୍ୟାନିଟ ଛଡାଇବା ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିଲା। ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ବେଗୁନିଆ ଥାନା ରାସୋଳ ଗ୍ରାମର ମାନସ ପରଡା(୨୬)।
ଉଲ୍ଲେଖଯୋଗ୍ୟ, ଗତ ଶୁକ୍ରବାର ଜଣେ ମହିଳା ପୁଅ ସହ ବାଇକରେ ଯାଉଥିଲେ। ୫୭ନଂ. ଜାତୀୟ ରାଜପଥରେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମହିଳାଙ୍କ ଠାରୁ ଭ୍ୟାନିଟ ଛଡାଇ ନେଇଥିଲେ । ଉକ୍ତ ଭ୍ୟାନିଟରେ ୧୦ହଜାର ଟଙ୍କା ଏବଂ ଏକ ସୁନାଚେନ ଥିଲା । ମହିଳାଙ୍କ ପୁଅ ଓ ଗ୍ରାମବାସୀଙ୍କ ଉଦ୍ୟମରେ ଜଣେ ଦୁର୍ବୃତ୍ତଙ୍କୁ ଧରାଯାଇଥିଲା। ତାଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଏ ନେଇ ବୋଲଗଡ ପୋଲିସ ନଂ.୧୧୩/୧୯ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଆଇଆଇସି ସେଖ ଅକବର ଅଲ୍ଲୀଙ୍କ ସୂଚନା ଅନୁଯାୟୀ, ସୋମବାର ମାନସଙ୍କୁ ଗିରଫ କରି ଖୋର୍ଦ୍ଧା କୋର୍ଟ ଚାଲାଣ କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଆଉ ୨ ଦୁର୍ବୃତ୍ତ ଫେରାର ଅଛନ୍ତି।

## ନିଶା ବେପାରୀ ସନ୍ଦେହରେ ପୋଲିସର ଚଢ଼ାଉ

**ଝାଁଳା,୪।୧୧(ଡି.ଏନ୍.ଏ.):**

**୪ କାର, ୨ ବାଇକ୍ ଜବତ**

ଝାଁଳା ଫାଣ୍ଡି ଅନ୍ତର୍ଗତ ଅଲକର ମୌଜାରେ ଥିବା ଏକ ଘର ଉପରେ ସୋମବାର ରମ୍ଭା ପୋଲିସ ଚଢ଼ାଉ କରିଥିଲେ। ଅଗଷ୍ଟ ୧୬ରେ ରମ୍ଭାରେ ଧରାପଡ଼ିଥିବା ଗଞ୍ଜେଇ ସହିତ କେତେଜଣ ନିଶା ବେପାରୀଙ୍କ ବୟାନକୁ ଆଧାର କରି ଏଠାରେ ସେମାନଙ୍କ ଜଣେ ସହଯୋଗୀ ରହୁଥିବା ସନ୍ଦେହରେ ରମ୍ଭା ପୋଲିସ ଏହି ଚଢ଼ାଉ କରିଥିବା ଝାଁଳା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ କହିଛନ୍ତି। ପୂର୍ବରୁ ଖବରପାଇ ସହଯୋଗୀଜଣକ ଖସି ପଳାଇଥିଲେ। ତେବେ ଘରୁ ଦୁଇଟି ବାଇକ୍ ଓ ୪ କାର୍‌କୁ ରମ୍ଭା ପୋଲିସ ଜବତ କରି ଝାଁଳା ଫାଣ୍ଡିକୁ ହସ୍ତାନ୍ତର କରିଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ମୌଜାର ଏକ ସରକାରୀ ଜମିରେ ୬ମାସ ହେବ ଘର କରି ସମ୍ପୃକ୍ତ ବ୍ୟକ୍ତି ରହୁଥିଲେ। ସେ କୁକୁଡ଼ା ଓ ଛେଳି ରଖି ବ୍ୟବସାୟ କରୁଥିଲେ। ପୋଲିସ ଚଢ଼ାଉ ବେଳେ ଘରେ ବହୁ ହଳଦୀ ବସ୍ତା ଥିବା ଦେଖିବାକୁ ମିଳିଥିଲା। ହଳଦୀ ବସ୍ତାରେ ନିଶା କାରବାର ହେଉଥିବା ପୋଲିସ ସନ୍ଦେହ କରିଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଜିଲାପାଳଙ୍କ ଅଫିସ ଘେରିଲେ ଅଙ୍ଗନୱାଡି କର୍ମୀ

**ଖୋର୍ଦ୍ଧା ଅଫିସ,୪।୧୧**

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ୍ ଆସୋସିଏଶନସ୍ ପକ୍ଷରୁ ଖୋର୍ଦ୍ଧା ଜିଲାର ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ଦାବିରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ୧୪ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବି ଅନୁସାରେ ଅଙ୍ଗନୱାଡି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉ। ସରକାରୀ କର୍ମଚାରୀ ମାନ୍ୟତା ନ ମଳିବା ପର୍ଯ୍ୟନ୍ତ ସର୍ବନିମ୍ନ ୧୮ହଜାର ଟଙ୍କା ଓ ସହାୟିକାଙ୍କ ପାଇଁ ୯ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା କରାଯାଉ। ସୁପରଭାଇଜର ପଦବୀକୁ କେବଳ ଅଙ୍ଗନୱାଡି କର୍ମୀଙ୍କୁ ପଦୋନ୍ନତି କରାଯାଉ। ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା ସହ ମିନି ଅଙ୍ଗନୱାଡି କେନ୍ଦ୍ରରେ ଜଣେ ସହାୟିକା ନିଯୁକ୍ତି ଦିଆଯାଉ। ଗାଁ କଲ୍ୟାଣ ସମିତି କାର୍ଯ୍ୟଗୁଡ଼ିକରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ୍ ଦିଆଯାଉ। କାର୍ଯ୍ୟରତ ଅବସ୍ଥାରେ ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ୫ଲକ୍ଷ ଟଙ୍କା, ପରିବାରର ଜଣକୁ ଚାକିରି ଓ ସାଧାରଣ ମୃତ୍ୟୁ ହେଲେ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଉ। ସବୁ ଅଙ୍ଗନୱାଡି କେନ୍ଦ୍ରକୁ ରନ୍ଧନ ଗ୍ୟାସ ଯୋଗାଇ ଦେବାର ଅନୁରୂପ ଦାବି ରହିଛି। ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନସ୍‌ର ଖୋର୍ଦ୍ଧା ଜିଲା ସମ୍ପାଦିକା ବନିତାଞ୍ଜଳୀ ଦାସ, ସଭାନେତ୍ରୀ ପ୍ରଭାତି ମଙ୍ଗରାଜ, ବିଜୟ ପାତ୍ର, ଶାନ୍ତିଲତା ସେଠୀ, ଗଣେଶ୍ୱର ଦାସ, କୁଞ୍ଜଲତା ଦାସ ପ୍ରମୁଖଙ୍କ ନେତୃତ୍ୱରେ ହଜାରରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଗାନ୍ଧୀ ସଂକଳ୍ପ ପଦଯାତ୍ରା

**ଟାଙ୍ଗୀ (ଖୋର୍ଦ୍ଧା),୪।୧୧ (ଡି.ଏନ.ଏ.):**

ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା ସୋମବାର ସନ୍ଧ୍ୟାରେ କନ୍ଧନୟାଗଡସ୍ଥିତ ଡୋମଣୀ ମନ୍ଦିର ପରିସରରୁ ବାହାରି କନ୍ଧନୟାଗଡ ଓ ଚାନ୍ଦପୁର ପଞ୍ଚାୟତ ପରିକ୍ରମା କରିଥିଲା। ରାଜ୍ୟରେ ଚାଲିଥିବା ଅନ୍ୟାୟ ଅନୀତି ବିରୋଧରେ ଜନମତ ସୃଷ୍ଟି କରିବା ଏହା କରାଯାଇଥିଲା । ପଦଯାତ୍ରାରେ ଦଳର ଜାତୀୟ ମୁଖପାତ୍ର ଡା. ସମ୍ବିତ ପାତ୍ର, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ନୟାଗଡ ଜିଲା ସଭାପତି ସନ୍ୟାସୀ ନାୟକ, ଲାଲା ମନୋଜ ରାୟ, ଚାନ୍ଦପୁର ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ବ୍ଲକ୍ ଯୁବ ସଭାପତି ତାପସ ମାର୍ଥାଙ୍କ ସମେତ ପ୍ରାୟ ୫ ଶହରୁ ଅଧିକ କର୍ମୀ ସାମିଲ ହୋଇଥିଲେ।

## ପାଇପ୍‌ରେ ଗୋଳିଆ ଜଳ ଯୋଗାଣ ଅଭିଯୋଗ

**ଟାଙ୍ଗୀ (ଖୋର୍ଦ୍ଧା),୪।୧୧ (ଡି.ଏନ.ଏ.):** ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବଡପାରୀ ଗ୍ରାମରେ ଅଧିକାଂଶ ବାସିନ୍ଦା ୧୫ ଦିନ ହେଲା ପାଇପ ମାଧ୍ୟମରେ ଗୋଳିଆ ପାଣି ପାଉଥିବା ଅଭିଯୋଗ ହେଉଛି । ୮ଟି ୱାର୍ଡ ବିଶିଷ୍ଟ ଏହି ଗ୍ରାମର ପଥରଚକଡା ସାହି, ନୂଆସାହି, ପାଇକ ସାହି, ପାଟଣା ସାହି ଓ ନୂଆ ପାଟଣା ସାହିର ବାସିନ୍ଦାମାନେ ଗୋଳିଆ ପାଣି ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ନିର୍ମିତ ହେବାକୁ ଯାଉଥିବା କଲ୍ୟାଣମଣ୍ଡପ ନିମିତ୍ତ ମୂଳଦୁଆ ଖୋଳାଯିବା ସମୟରେ ଭୂତଳ ପାଇପକୁ ହାଣିଦେବା ଯୋଗୁ ଏପରି ଅବ୍ୟବସ୍ଥା ସୃଷ୍ଟି ହୋଇଛି। କେତେକ ବାସିନ୍ଦା ଏହାର ତ୍ୱରିତ ପ୍ରତିକାର ପାଇଁ ଟାଙ୍ଗୀ ବିଡିଓ ଅକ୍ଷୟ କୁମାର ରାଉତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ପଦକ୍ଷେପ ନେବାକୁ ବିଡିଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ଜଳନ୍ଧର ସେଠୀ କହନ୍ତି, ଭୂତଳ ପାଇପ୍ ସ୍ଥାନାନ୍ତର ପାଇଁ ବଡପାରୀ ସରପଞ୍ଚଙ୍କ ସହିତ ଆଲୋଚନା କରିଛି। ସରପଞ୍ଚଙ୍କ ପ୍ରତିନିଧି ଗଦାଧର ପାତ୍ର ଏହି କାର୍ଯ୍ୟ ଦୁଇତିନି ଦିନ ମଧ୍ୟରେ ସମାଧାନ ହୋଇଯିବ ବୋଲି ଦର୍ଶାଇଥିଲେ।

## ଶ୍ରୀରାମକୃଷ୍ଣ ସେବାଶ୍ରମ ପକ୍ଷରୁ ସେବା କାର୍ଯ୍ୟକ୍ରମ

**ବେଗୁନିଆ, ୪।୧୧(ଡି.ଏନ.ଏ):**

ବେଗୁନିଆଠାରେ ବୋଲଗଡ ବ୍ଲକ ଟିକୋତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମ ପକ୍ଷରୁ ସୋମବାର ଏକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ରାମକୃଷ୍ଣ ମିଶନ ସହାୟତାରେ ଉକ୍ତ କାର୍ଯ୍ୟକ୍ରମରେ ୫୦ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିବା ବେଳେ ୧୫୦ଜଣଙ୍କୁ ସାର୍ଟ ବଣ୍ଟନ କରାଯାଇଥିଲା। ସେହିପରି ବେଗୁନିଆ ନିକଟସ୍ଥ ପାଇକତିଗିରିଆ ଏବଂ ଟିକୋତାଳ ଠାରେ ମଧ୍ୟ କମ୍ବଳ ଏବଂ ସାର୍ଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୁରୀ ମିଶନର ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରାନନ୍ଦଜୀ ଓ ସନ୍ୟାସୀ ସ୍ୱାମୀ କୃଷ୍ଣରୂପାନନ୍ଦ ପରିଚାଳନା କରିଥିଲେ। ଟିକୋତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମର ଅଧ୍ୟକ୍ଷ ସ୍ୱାମୀ ଭାଗବତାନନ୍ଦ ,ସହସମ୍ପାଦକ ସର୍ବେଶ୍ୱର ସାହୁ, ବରିଷ୍ଠ ସଦସ୍ୟ ରାଜକିଶୋର ଛୁଆଲସିଂହ, ମନୋଜ ଗୁମାନସିଂହ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ପୁରୀ ଗୋଶାଳାରେ ଗୋପାଷ୍ଟମୀ



**ଜଟଣୀ,୪।୧୧(ଡି.ଏନ.ଏ):** ଜଟଣୀସ୍ଥିତ ଶ୍ରୀଜଗନ୍ନାଥ ପୁରୀ ଗୋଶାଳାରେ ସୋମବାର ଗୋପାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହୋମ, ଯଜ୍ଞ, ଗୋପୂଜା, କୀର୍ତ୍ତନ, ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋଶାଳା କମିଟିର ସଭାପତି ଚନ୍ଦୁଭାଇ ପଟେଲ, ସମ୍ପାଦକ ମୁକେଶଭାଇ ଠକର, ଚେୟାରମ୍ୟାନ୍ ରବିନାରାୟଣ ମିଶ୍ର, ରସିକ ପଟେଲ, ଏସ୍.ଜନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବୋଲଗଡ,୪।୧୧(ଡି.ଏନ.ଏ.)–** ବୋଲଗଡ ବ୍ଲକ ଦେଉଳିଠାରେ ଚାଲିଥିବା କ୍ଲଷ୍ଟର ସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି । ରବିବାର ଠାରୁ ୨ଦିନ ଧରି ଉକ୍ତ ପ୍ରତିଯୋଗୀତା ଚାଲିଥିଲା । ଏହି ପ୍ରତିଯୋଗିତାରେ ବୋଲଗଡ ଏବଂ ବେଗୁନିଆ ଉଭୟ ବ୍ଲକ ଅଞ୍ଚଳରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ । ଭଲିବଲ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଦୌଡ ଆଦି ବିଭିନ୍ନ କ୍ରୀଡାରେ ମୋଟ ୯୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତା ନେହେରୁ ଯୁବ କେନ୍ଦ୍ର ଖୋର୍ଦ୍ଧାଙ୍କ ସହାୟତାରେ ହୋଇଥିବା ବେଳେ ସ୍ଥାନୀୟ ମା ମଙ୍ଗଳା କ୍ଷେତ୍ରବାସୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ଖୋର୍ଦ୍ଧା ଜିଲା ସଂଯୋଜକ ବିପିନ କୁମାର ଯୋଗଦେଇଥିଲେ । ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ସାମାଜିକ କର୍ମୀ ଭାଗୀରଥି ସାହୁ ,ପ୍ରକାଶ ଚନ୍ଦ୍ର ସାହୁ ,ପ୍ରଶାନ୍ତ ଚନ୍ଦ୍ର ନାୟକ ଓ ସର୍ବେଶ୍ୱର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀ ଓ ଦଳମାନଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ଜଟଣୀ, ୪।୧୧(ଡି.ଏନ.ଏ):**

ଜଟଣୀ ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଏଡିଏମ୍ ମନୋରଞ୍ଜନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ବିଡିଓ ବାସୁଦେବ ମାହାରୀ, ସହକାରୀ ଯନ୍ତ୍ରୀ ବିନୋଦ କୁମାର ମହାପାତ୍ର, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଚନ୍ଦନୁ କୁମାର ଭୋଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ, ସାମାଜିକ ନିରୀକ୍ଷକ, ସାଧନ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ବିବରଣୀ ଓ କାର୍ଯ୍ୟକାରିତା ଉପରେ ଉପସ୍ଥାପନ କରିଥିଲେ। ଏଡିଏମ୍ ମଲ୍ଲିକ ସମସ୍ତ ଅଭିଯୋଗ ଶୁଣାଣି କରି ସମାଧାନ କରିବା ସହ କାର୍ଯ୍ୟକ୍ରମର ସୁପରିଚାଳନା ଉପରେ ପରାମର୍ଶ ଦେଇଥିଲେ।



ଜନ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

# ଶଗଡ଼ଭଙ୍ଗାରେ ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳିତ

**ବେଗୁନିଆ, ୪।୧୧(ଡି.ଏନ.ଏ):**

ବେଗୁନିଆ ବ୍ଲକ ଶଗଡ଼ଭଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଗୋ-ସମ୍ବର୍ଦ୍ଧନା ସପ୍ତାହ-୨୦୧୯ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଜାନକୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ମନୋରଞ୍ଜନ ଶତପଥୀ, ଏଡିଭିଓ ଡ. ସନ୍ତୋଷ ପଣ୍ଡା, ଡିଟିସି ଡା. ଦୀପକ ବେଉରା ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କୁ ବୈଷୟିକ ଗୋପାଳନ ଓ ଘାସ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ଟାଙ୍ଗୀ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ତୁଷାର ରଞ୍ଜନ ସାହୁ ଅତ୍ୟାଧୁନିକ ଜ୍ଞାନ କୌଶଳରେ କିଭଳି ଗୋପାଳନ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗୋ ସମ୍ବର୍ଦ୍ଧନା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୫୦ଜଣ ଗୋପାଳକ ନିଜର ଗୋମାତା ସହିତ ଅଂଶଗ୍ରହଣ କରିଥିଲେ। ଉନ୍ନତ କିସମର ଫିସନେସ ପରୀକ୍ଷା କରାଯାଇ ଛିମା ଗ୍ରାମର ଚାଷୀ ଅବକାଶ ବେହେରା ପ୍ରଥମ ସ୍ଥାନ ଅଧିକାର କରିବା ସହ ତାଙ୍କୁ ୫୦୦ଟଙ୍କା ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ. ବିଶ୍ୱରଞ୍ଜନ ରାଉତ ସଭା ପରିଚାଳନା କରିଥିଲେ। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ. ସୁଶାନ୍ତ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।



ଗୋ ମାତାକୁ ସମ୍ବର୍ଦ୍ଧନା କରାଯାଉଛି।

■ ଅଭିଶପ୍ତ ଜୀବନ ବିତାଉଛନ୍ତି ବାସନ୍ଦ ପରିବାର

# ଜିଲାପାଳଙ୍କ ଅଫିସ ଆଗରେ ଆତ୍ମାହୁତି ଚେତାବନୀ

**ଖୋର୍ଦ୍ଧା ଅଫିସ,୪।୧୧**

ଖୋର୍ଦ୍ଧା ଜିଲା ବାଣପୁର ଥାନା ହରିଚନ୍ଦନପୁରର କଙ୍ଗାରୁ କୋର୍ଟରେ ଦଣ୍ଡିତ ଏକ ପରିବାର ନଭେମ୍ବର ୧୫ରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରାୟ ୩ବର୍ଷ ଧରି ବାସନ୍ଦ ହୋଇ ଅଭିଶପ୍ତ ଜୀବନ ବିତାଉଥିବା ପରିବାରର ଘର ଭାଙ୍ଗି ଦିଆଯାଇଥିବାବେଳେ କାର ମଧ୍ୟ ନଷ୍ଟ କରିଦିଆଯାଇଛି। ଏପରିକି ଗାଁରୁ ତଡ଼ି ଦେଇଛନ୍ତି। ବାସହରା ପରିବାର ରହିବା ପାଇଁ ବିଭିନ୍ନ ଅଞ୍ଚଳ ବୁଲୁଥିଲେ ମଧ୍ୟ ପୋଲିସ ଓ ଜିଲା ପ୍ରଶାସନ ନୀରବତା ଅବଲମ୍ବନ କରିଥିବା କଙ୍ଗାରୁ କୋର୍ଟରେ ଦଣ୍ଡିତ ପରିବାରର ମୁଖିଆ ହରିଚନ୍ଦନପୁରର କପିଳେନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି।

କପିଳେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ସହିବାର ସୀମା ଟପିଲାଣି। ଝିଅ ବିବାହକୁ ନେଇ ଗାଁରେ ଅପମାନିତ କରାଗଲା। ବସିଲା କଙ୍ଗାରୁ କୋର୍ଟ। ଦୋଷ ନ ଥାଇ କରାଗଲା ଜରିମାନା। ବାଣପୁର ଥାନାରେ ଅଭିଯୋଗ ପରେ ମିଳିଲାନି ସୁରକ୍ଷା। ଜରିମାନା ଓ ନିର୍ଯ୍ୟାତନା ବଢ଼ି ଚାଲିଲା। ଘର ଆସବାବପତ୍ର ନଷ୍ଟ କରିବା ସହ ଘର ଭାଙ୍ଗି ଦେଲେ। କାର ଭାଙ୍ଗି ନଷ୍ଟ କରିଦେଲେ। ଏପରି କି ଘରୁ ବାହାର କରିଦେଲେ। ସମ୍ପତ୍ତି ଥାଇ ବାର୍ଦ୍ଧକ୍ୟରେ ବାସହରା ହେବା ପରେ ରୋଜଗାର ବନ୍ଦ ହୋଇଗଲା। ସମାଧାନର ବାଟ ବାହାରୁନି। ସବୁ ଦିନ କଷ୍ଟ ପାଇ ବଞ୍ଚିବା ଅପେକ୍ଷା ଏକାଥରକେ ପରିବାରର ସଦସ୍ୟମାନେ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଛୁ। ପ୍ରଶାସନ ଯଦି କୌଣସି ପଦକ୍ଷେପ ନ ନିଏ ତେବେ ନଭେମ୍ବର ୧୫ରେ ସପରିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି କହିଛନ୍ତି। କପିଳେନ୍ଦ୍ରଙ୍କ ନାତୁଣୀ ଦ୍ୱିତୀୟ ଶ୍ରେଣୀରେ ଗାଁ ସ୍କୁଲରେ ପଢୁଥିଲେ। ବାସହରା ହେଲା ପରେ ତାଙ୍କ ନାତୁଣୀଙ୍କ ପାଠପଢ଼ାରେ ଡୋରି ବାନ୍ଧି ହୋଇଯାଇଛି। ବୋହୂ ଝିଅ ପଢୁଥିବା ସ୍କୁଲରେ ଏସଏମସିର ଅଧ୍ୟକ୍ଷ ଥିଲେ। ସେ ମଧ୍ୟ ସ୍କୁଲକୁ ଯାଇ ପାରୁନାହାନ୍ତି।



ଜିଲାପାଳଙ୍କ ନିକଟକୁ ଆସିଥିବା ବାସନ୍ଦ ପରିବାର ।

■ ମିଳିଲାନି ନ୍ୟାୟ
■ ଘରୁ ତଡ଼ିଦେଲେ, ଭାଙ୍ଗିଦେଲେ



ପ୍ରେମ ହିଁ ଭଗବାନ ଏବଂ ଭଗବାନ ହିଁ ପ୍ରେମ।
-ସାଇବାବା



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ପୁରୀ ଅଫିସ, ୪।୧୧ : ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କୁଲୁ ଭୋଇ (୨୮)। ନେଇ ସଦର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କୁଲୁ ଲୁନା ଯୋଗେ ଆସୁଥିବାବେଳେ ପୁରୀ କୋଣାର୍କ ମେରାଇନ୍ ଡ୍ରାଇଭ ବାଲିପୁଟ ଛକରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଯାଇଥିଲେ। ରକ୍ତ ଜଡୁବୁଡୁ ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ୭୦ ଦିବ୍ୟାଙ୍ଗଙ୍କୁ ମିଳିବ କୃତ୍ରିମ ଅଙ୍ଗ

ପୁରୀ ଅଫିସ, ୪।୧୧: ପୁରୀ ଜିଲାରେ ଫନୀ କ୍ଷତିଗ୍ରସ୍ତ ଦିବ୍ୟାଙ୍ଗମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇଦେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଫୁଲ୍ଲ ଯୋଜନାରେ ନୂତନ ଭାବେ ୭୦ ଜଣଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କୁ ଆସନ୍ତା ୭ ତାରିଖରେ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯିବା ଲାଗି ସ୍ଥିର କରାଯାଇଛି। ସଦ୍‌ଭାବନା ସଭାଗୃହରେ ପୂର୍ବାହ୍ନ ୧୦ଟାରେ ଏହି କୃତ୍ରିମ ଅଙ୍ଗ ବିତରଣ କ୍ୟାମ୍ପ ଅନୁଷ୍ଠିତ ହେବ। ସୂଚନାଥାଉ କି, ଗତ ଅଗଷ୍ଟ ୨୦ ତାରିଖରେ ଜିଲା ସଂସ୍କୃତି ଭବନରେ କୃତ୍ରିମ ଅଙ୍ଗ ମାପ ଶିବିର ଆୟୋଜିତ ହୋଇଥିଲା। ତେଣୁ କୃତ୍ରିମ ଅଙ୍ଗ ପାଇବାକୁ ଯୋଗ୍ୟ ବିବେଚିତ ହିତାଧିକାରୀମାନେ ସୂଚିତ ସମୟ ଓ ସ୍ଥାନରେ ପହଞ୍ଚିବା ଲାଗି ଜିଲା ସମାଜ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ ଜଣାଇଛନ୍ତି।

### ଆଇନ ସେବା ପ୍ରାଧିକରଣର ସଚେତନତା ସପ୍ତାହ

ପୁରୀ ଅଫିସ, ୪।୧୧ : ପୁରୀ ଜିଲା ଆଇନ ସେବା ପ୍ରାଧିକରଣ(ଡାଲସା) ପକ୍ଷରୁ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ସୋମବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସ୍ଥାନୀୟ ପ୍ରିୟଙ୍କା ଦେବୀ ନର୍ସିଂ କଲେଜରେ ଆଇନ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଡାଲସା ସଚିବ ଅମରେଶ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ରମାଶଙ୍କର ପାତ୍ର ଓ କଲେଜ ଅଧକ୍ଷା ଦୁଃଖୀ ଦେଇ ଅଂଶଗ୍ରହଣ କରିଥିଲେ। ଆଇନ ସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବରାଳ ବାଲୁଙ୍କେଶ୍ୱରଙ୍କ ପୀଠରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଆଇନ ସେବା ସମ୍ପର୍କରେ କଳାକାରମାନେ ସ୍ଥାନୀୟ ଜନତାଙ୍କୁ ବୁଝାଇଥିଲେ। ଆଗାମୀ ଦିନରେ ବିଭିନ୍ନ କଲେଜ, ହାଇସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ମଙ୍ଗଳବାର ପବିତ୍ର ଅଁଳା ନବମୀ ଅବସରରେ ସାକ୍ଷୀଗୋପାଳ ଠାରେ ଏକ ସଚେତନତା ଷ୍ଟଲ କରାଯିବ। ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଚିବ ମହାପାତ୍ର କହିଛନ୍ତି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଆଶୁ ଚିକିତ୍ସା ପ୍ରଶିକ୍ଷଣ



କଣାସ,୪।୧୧(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ଯୁବ ରେଡକ୍ରସ ଆନୁକୂଲ୍ୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଦୁଇଦିନିଆ ଆଶୁ ଚିକିତ୍ସା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ରେଡକ୍ରସ୍ ସୋସାଇଟ୍ ଓଡିଶା ରାଜ୍ୟ ଶାଖାର ମୁଖ୍ୟ ପ୍ରଶିକ୍ଷକ ଡ. ବିକାଶ କୁମାର ପ୍ରସାଦ, ସହଯୋଗୀ ଉତିଶ୍ରୀ ସୁନ୍ଦରାୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ବିପନ୍ନଙ୍କୁ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା ଦେଇପାରିବେ ସେ ବିଷୟରେ ଶିଖାଇଥିଲେ। ଏହି ଉତ୍ସବରେ ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ଖବରଦାତା ଶ୍ରୀକାନ୍ତ ପଟ୍ଟଯୋଶୀଙ୍କୁ ଯୁନିୟର ରେଡକ୍ରସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଥିବା ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍ କାଉନସିଲ୍‌ର ରବୀନ୍ଦ୍ର କୁମାର ସାହୁ, ମାନସ ରଞ୍ଜନ ବାରିକ, ତପସ୍ୱିନୀ ମାନସିଂହ, ପୂର୍ଣ୍ଣିମାରାଣୀ ନାୟକ ପରିଚାଳନା କରିଥିଲେ। ଯୁବ ସ୍ୱେଚ୍ଛାସେବୀ ରୋଜାଲିନ, କାଜଲ, ଚନ୍ଦନ, ଗଜେନ୍ଦ୍ର ଏବଂ ମୋନାଲିସା ସହଯୋଗ କରିଥିଲେ।

---

■ ଫନୀ ସହାୟତାରେ ପାତରଅନ୍ତର ଅଭିଯୋଗ

# କ୍ଷତିଗ୍ରସ୍ତଙ୍କ ପାଇଁ ଅହିଂସା ମାର୍ଗରେ ଲଢ଼େଇ ହେବ: ସମ୍ବିତ୍

## ଅନିୟମିତତାକାରୀଙ୍କ ବିରୋଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

ପୁରୀ ଅଫିସ, ୪।୧୧:

ଫନୀ ସହାୟତା ପ୍ରଦାନରେ ପାତର ଅନ୍ତର କରାଯାଇଥିବା ପ୍ରସଙ୍ଗରେ ସୋମବାର ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର ଜିଲାପାଳ ବଲୱନ୍ତ ସିଂଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ସମ୍ବିତ୍‌ଙ୍କ ସହ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଦଳୀୟ ନେତା କୃଷ୍ଣ ଜଗଦ୍ଦେବ, ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟି ଘରଭଙ୍ଗା ସହାୟତା ପ୍ରଦାନରେ ହୋଇଥିବା ଅନିୟମିତତା ସମ୍ପର୍କରେ ଆଲୋଚନା କରିଥିଲେ। ଅନେକ ଲୋକଙ୍କୁ ଏ ପର୍ଯ୍ୟନ୍ତ ସହାୟତା ମିଳିନାହିଁ, ସେମାନେ ପଲିଥିନ ତଳେ ଜୀବନ କାଟୁଛନ୍ତି ବୋଲି କହିଥିଲେ। ପ୍ରାୟ ଅଧଘଣ୍ଟାଏ ଧରି ଏହି ସାକ୍ଷାତ୍ ଆଲୋଚନା ଚାଲିଥିଲା।

ଆଲୋଚନା ପରେ ସମ୍ବିତ କହିଥିଲେ, ଫନୀରେ ପୁରୀରେ ଯେଉଁ କ୍ଷତି ହୋଇଥିଲା ତାହାର ଭରଣା କରିବା ଲାଗି ମୋଦି ସରକାର ରାଜ୍ୟ ସରକାରଙ୍କୁ କୋଟି କୋଟି ଟଙ୍କା ଦେଇଥିଲେ। କିନ୍ତୁ ଏହି ସହାୟତା ପ୍ରଦାନକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ରହିଛି। ଏଥିରେ ପାତର ଅନ୍ତର କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ବଦଳରେ ଦଳୀୟ ଭିତ୍ତିରେ ଅଯୋଗ୍ୟ ହିତାଧିକାରୀଙ୍କୁ



ଭାଜପା ପ୍ରତିନିଧି ଦଳ ପୁରୀ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ।

ସହାୟତା ଦିଆଯାଇଛି। ଗରିବ ଲୋକଙ୍କ ଘର ଭାଙ୍ଗିଥିବା ବେଳେ ବିଜେଡି କର୍ମୀଙ୍କୁ ୯୫ ହଜାର ଟଙ୍କା ଦିଆଯାଇଛି। ଏପରିକି କିଛି ପରିବାରର ୩/୪ ସଦସ୍ୟଙ୍କୁ ୯୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ହେଲେ ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବାଦ୍ ପଡିଛନ୍ତି। ଜିଲାପାଳଙ୍କୁ ତଥ୍ୟ ସମ୍ବଳିତ କାଗଜପତ୍ର ଦେଇ ଆଲୋଚନା କରିଛୁ। ଜିଲାପାଳ ଆଶ୍ୱାସନା ଦେଇଛନ୍ତି। ଭାଜପା ଜନପ୍ରତିନିଧିମାନେ ଗାଁ ଗାଁକୁ ଯାଇ ପ୍ରକୃତରେ ଯେଉଁମାନେ ପାଇବା ଯୋଗ୍ୟ ସେମାନେ ପାଇନାହାନ୍ତି ତାର ତାଲିକା ପ୍ରସ୍ତୁତ କରି ଜିଲାପାଳଙ୍କୁ ପ୍ରଦାନ କରିବେ। ସମସ୍ତଙ୍କୁ ସମାନ ନଜରରେ ଦେଖାଯିବ ବୋଲି ଜିଲାପାଳ ଆଶ୍ୱାସନା ଦେଇଛନ୍ତି। ଅନ୍ୟପକ୍ଷରେ ଏହାର ସମାଧାନ ନ ହେବା ଯାଏ ଆମେ ନୀରବ ରହିବୁନି। ଗଣତାନ୍ତ୍ରିକ ପଦ୍ଧତିରେ ଅହିଂସା ମାର୍ଗରେ ଲୋକଙ୍କୁ ସେମାନଙ୍କ ଅଧିକାର ଦେବା ଲାଗି ଆମେ ଲଢେଇ କରିବୁ ବୋଲି ସମ୍ବିତ୍ କହିଛନ୍ତି। ସେହିପରି ଆବାସ ଯୋଜନାରେ ହୋଇଥିବା ଦୁର୍ନୀତିକୁ ନେଇ ସମ୍ବିତ୍ ଉଦ୍‌ବେଗ ପ୍ରକାଶ କରିଥିଲେ।

ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଫନୀ କ୍ଷତିଗ୍ରସ୍ତ କିଛି ବ୍ୟକ୍ତି ସହାୟତା ପାଇ ନ ଥିବାବେଳେ ଆଉ କିଛି ଅଯୋଗ୍ୟ ପାଇଥିବା ଭାଜପା ପ୍ରତିନିଧି ଅଭିଯୋଗ କରି ଏହାର ତଦନ୍ତ କରିବାକୁ କହିଛନ୍ତି। ଘରଭଙ୍ଗା କ୍ଷୟକ୍ଷତି ଆକଳନ ପରେ ଯଦି କାହାର କୌଣସି ଅଭିଯୋଗ ଅଛି ତେବେ ଦେବା ପାଇଁ ପଞ୍ଚାୟତସ୍ତରରେ କୁହାଯାଇଥିଲା। ୮୦ ହଜାର ଆବେଦନ ତାଲିକାରେ ନାଁ ସାମିଲ, ୪୦ ହଜାର ଅପ୍‌ଗ୍ରେଡେଶନ ଏବଂ ୭/୮ ହଜାର ଆବେଦନ ବାଦ୍ ଦେବା ପାଇଁ ଆସିଥିଲା। ଏହି ଆବେଦନକୁ ଠିକ୍ ଭାବେ ଯାଞ୍ଚ କରାଯାଇଥିଲା। ସମଗ୍ର ଜିଲାରେ ୩ଲକ୍ଷ ୫୦ ହଜାର ପରିବାର ରହିଥିବା ବେଳେ ସେଥିମଧ୍ୟରୁ ୨ଲକ୍ଷ ୭୮ହଜାର ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ପ୍ରାୟ ୭୨ ହଜାର ପରିବାରକୁ ୯୫ ହଜାର ଟଙ୍କା ଲେଖାଏ ଦିଆଯାଇଛି। କିନ୍ତୁ ସମସ୍ତେ ୯୫ ହଜାର ଟଙ୍କା ସହାୟତା ଦାବି କରି ପୁନଃ ଆବେଦନ କରୁଛନ୍ତି। ଯଦି ଜଣେ ବ୍ୟକ୍ତି ୨ଟି ନାଁ କିମ୍ବା ୨ଟି ଘର ଦେଖାଇ ସହାୟତା ପାଇଥିବେ ତେବେ ଆଉଥରେ ଏହାର ତଦନ୍ତ କରାଯିବ। ସମ୍ପୃକ୍ତ ପରିବାରର କ୍ଷୟକ୍ଷତି ଆକଳନ କରିଥିବା ସରକରୀ କର୍ମଚାରୀ ଏବଂ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି ଏଥିରେ କେହି ମଧ୍ୟସ୍ଥି ଥିବେ ତାଙ୍କୁ ଗିରଫ କରାଯିବ। କିନ୍ତୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେବେ ନାହିଁ ବୋଲି ଜିଲାପାଳ କହିଛନ୍ତି।

---

# ୭ଦିନ ବ୍ରହ୍ମଗିରି ବ୍ଲକ୍ ଫେଡ୍‌କୋ ଅଫିସରେ ତାଲା

■ ପାରିଶ୍ରମିକ ନ ମିଳିବାରୁ ଠିକା କର୍ମଚାରୀଙ୍କ ଧାରଣା

ବ୍ରହ୍ମଗିରି,୪।୧୧(ଡି.ଏନ.ଏ)

ବିଦ୍ୟୁତ ବିଭାଗ ଠିକା କର୍ମଚାରୀଙ୍କୁ ଠିକ ସମୟରେ ପାରିଶ୍ରମିକ ନ ମିଳିବା ଅଭିଯୋଗରେ ବ୍ରହ୍ମଗିରି ଅଞ୍ଚଳର କେରାଣ୍ଡିଆ ଓ ସୁନାମୁହିଁ ଫେଡ୍‌କୋ କାର୍ଯ୍ୟାଳୟରେ ୭ଦିନ ହେବ ତାଲା ପଡିଛି। ଏହାସହ ଠିକା କର୍ମଚାରୀମାନେ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ସୂଚନା ଅନୁଯାୟୀ, ଗତ ମେ ମାସରେ ହୋଇଥିବା ବାତ୍ୟା ଫନୀରେ ବ୍ରହ୍ମଗିରି ଅଞ୍ଚଳରେ ବିଶେଷ କ୍ଷତି ହେବା ସହ ବିଦ୍ୟୁତର ଭିତ୍ତିଭୂମି ମାଟିରେ ମିଶିଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ରହ୍ମଗିରି ପର୍ଯ୍ୟଟନସ୍ଥଳକୁ ବିଦ୍ୟୁତ ସରବରାହ ସ୍ୱାଭାବିକ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ଏହି କାମ ପାଇଁ ଅନ୍ୟ ରାଜ୍ୟରୁ ବିଦ୍ୟୁତ କାମ କରିବା ପାଇଁ ବହୁ ସଂଖ୍ୟାରେ ଠିକା ଶ୍ରମିକଙ୍କୁ ଅଣାଯାଇ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ମରାମତି କରାଯାଇଥିଲା। ଏହି କାର୍ଯ୍ୟରେ ନିୟୋଜିତ ଥିବା ଠିକା କର୍ମଚାରୀମାନେ ସେମାନଙ୍କ ପାରିଶ୍ରମିକ ବର୍ତ୍ତମାନ ସୁଦ୍ଧା ପାଇ ନାହାନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ହେଲା ନାହିଁ। ଶେଷରେ ଶ୍ରମିକମାନେ ଅସନ୍ତୋଷ ପ୍ରତିକ୍ରିୟା କରି ଗତ ଶନିବାର ଫେଡ୍‌କୋ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ତଥାପି କୌଣସି ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚୁନାହାନ୍ତି କି କାର୍ଯ୍ୟାଳୟ ଖୋଲା ମଧ୍ୟ ହେଉନାହିଁ। ଫଳରେ ସାଧାରଣ ଉପଭୋକ୍ତାମାନେ ନିଜର ସମସ୍ୟା ସମ୍ପର୍କରେ କାର୍ଯ୍ୟାଳୟକୁ ଆସି ନିରାଶରେ ଫେରୁଛନ୍ତି । ତୁରନ୍ତ ଠିକା କର୍ମଚାରୀ ଓ ଦିନ ମଜୁରିଆମାନଙ୍କୁ ମଜୁରି ପ୍ରଦାନ କରିବା ପାଇଁ ବ୍ରହ୍ମଗିରି ବିକାଶ ମଞ୍ଚ ଦାବି କରିଛି।



ଠିକାକର୍ମଚାରୀମାନେ ଧାରଣାରେ ବସିଛନ୍ତି ।

---

■ ସହାୟତାକୁ ନେଇ ଅସନ୍ତୋଷ

# ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲେ ଲୋକେ



ହିତାଧିକାରୀମାନେ ବ୍ଲକ ଅଫିସ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଛନ୍ତି ।

ପୁରୀ ଅଫିସ, ୪।୧୧:

ଫନୀ ସହାୟତା ପ୍ରଦାନରେ ଅସନ୍ତୋଷ ପ୍ରକାଶ କରି ସୋମବାର ପୁରୀ ସଦର ବ୍ଲକରେ ଲୋକେ ତାଲା ପକାଇଥିଲେ। ପରେ ବିଡିଓ ବୁଝାଶୁଝା କରିବା ପରେ ତାଲା ଖୋଲାଯିବା ସହ ସ୍ଥିତି ସ୍ୱାଭାବିକ ହୋଇଥିଲା। ସୋମବାର ସମଙ୍ଗରା ପଞ୍ଚାୟତର ବହୁ ଲୋକ ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଘରଭଙ୍ଗା ସହାୟତା ପ୍ରଦାନରେ ପାତର ଅନ୍ତର କରାଯାଇଥିବା ଅଭିଯୋଗ କରି ଧାରଣାରେ ବସିବା ସହ ଫାଟକରେ ତାଲା ପକାଇଥିଲେ। ବାତ୍ୟା ପରେ ଯେଉଁ କ୍ଷୟକ୍ଷତି ଆକଳନ କରାଯାଇଥିଲା ସେଥିରେ ପାତର ଅନ୍ତର କରାଯାଇଛି। ଅନେକ ଛାତଘର ଥିବା ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଥିବାବେଳେ ଯାହାର ଚାଳଘର ସମ୍ପୂର୍ଣ୍ଣ ଭାଙ୍ଗିଛି ସେମାନେ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଗୋଟିଏ ଗୋଟିଏ ପରିବାରରେ ଏକାଧିକ ଲୋକ ଏହି ସହାୟତା ହାତେଇଛନ୍ତି। କ୍ଷୟକ୍ଷତି ଆକଳନ କରିଥିବା ଅଧିକାରୀ ଏବଂ କର୍ମଚାରୀମାନେ ଲାଭଖୋର ମନୋବୃତ୍ତି ରଖି ଯାହାଠାରୁ ହାତଗୁଞ୍ଜା ପାଇଛନ୍ତି ତାଙ୍କୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବୋଲି ଦର୍ଶାଇଛନ୍ତି। ଫଳରେ ଅନେକ ଗରିବ ଲୋକଙ୍କୁ ସହାୟତା ମିଳିପାରି ନାହିଁ। ତେଣୁ ପୁଣିଥରେ ଏହାର ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଥିଲେ। ପରେ ସଦର ବିଡିଓ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

---

### ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ

ସାକ୍ଷୀଗୋପାଳ,୪।୧୧ (ଡି.ଏନ୍.ଏ.)

ପୁରୀ ଜିଲାସ୍ତରୀୟ ୬୮ତମ ଗୋ ସମ୍ବର୍ଦ୍ଧନା ଉତ୍ସବ ସତ୍ୟବାଦୀ ବ୍ଲକର ବାଗଲପୁର ଗ୍ରାମରେ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଗୋ- ପୂଜନ, ଗିରି ଗୋବର୍ଦ୍ଧନ ପୂଜା ଓ ଗୋପାଳନ କରୁଥିବା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗୋ ଜାତିର ବିକାଶରେ ଚାଷୀର ସମୃଦ୍ଧି ଅନ୍ତର୍ନିହିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋର୍ତିମୟ ଦଳାଇ, ସମ୍ମାନିତ ଅତିଥି ପ୍ରାଣୀ ସମ୍ପଦ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ପ୍ରତାପ ଖମାରୀ, କୃଷି ବିଜ୍ଞାନି ଡା. ସଞ୍ଜୟ ମହାନ୍ତି, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା. ପ୍ରସନ୍ନ ପୃଷ୍ଟି, ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ଧ୍ରୁବଚରଣ ଦାସ, ସରପଞ୍ଚ ନିରଞ୍ଜନ ମାହାରୀ, ସମିତି ସଭ୍ୟା ମମତା ଭୋଇ ପ୍ରମୁଖ ଯୋଗଦେଇ ଦେଇଥିଲେ। ଏଥି ନିମନ୍ତେ ରହିଥିବା ସରକାରୀ ପ୍ରୋତ୍ସାହନ ଓ ବ୍ୟାଙ୍କ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଗୋ ଚିକିତ୍ସା ଶିବିର ଓ କୃଷକ ତାଲିମ ଶିବିରପକ୍ଷରୁ ପ୍ରଦର୍ଶନୀ କରାଯାଇଥିଲା। ସ୍ଥାନୀୟ ଅତିରିକ୍ତ ପ୍ରାଣି ଚିକିତ୍ସା ଅଧିକାରୀ ଡା. ବିଶ୍ୱରଞ୍ଜନ ବେହେରା ଓ କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

---

# ଅଁଳାନବମୀ ପ୍ରସ୍ତୁତି ନେଇ ଜିଲାପାଳ,ଏସ୍‌ପିଙ୍କ ସମୀକ୍ଷା

ସାକ୍ଷୀଗୋପାଳ, ୪।୧୧(ଡି.ଏନ୍.ଏ.)



■ ୨୨ ପ୍ଲାଟୁନ ଫୋର୍ସ ମୁତୟନ

■ ବଜାର ମୁଖ୍ୟରାସ୍ତାରେ ଗାଡ଼ି ଚଳାଚଳ ନିଷିଦ୍ଧ

ମଙ୍ଗଳବାର ଅଁଳାନବମୀ। ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀରାଧାଙ୍କ ଦୁର୍ଲ୍ଲଭ ପାଦ ଦର୍ଶନ ଅନୁଷ୍ଠିତ ହେବ। ସିଂହଦ୍ୱାରରେ ବାରିକେଡ ନିର୍ମାଣଠାରୁ ମନ୍ଦିରକୁ ଫୁଲ ମାଳ ଓ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୋମବାର ସନ୍ଧ୍ୟାରେ ପୁରୀ ଜିଲାପାଳ ବଲୱନ୍ତ ସିଂ ଓ ଏସ୍‌ପି ଉମାଶଙ୍କର ଦାଶ ସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚି ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଚଳିତବର୍ଷ ୨୨ ପ୍ଲାଟୁନ ଫୋର୍ସ, ୧୦୦ଜଣ ପୋଲିସ ଅଫିସର ମୁତୟନ ରହିବେ। ୩ ଜଣ ଅତିରିକ୍ତ ଏସ୍‌ପି ଓ ୫ ଜଣ ଡିଏସପି ଙ୍କ ସହ ସାଦା ପୋଷାକରେ ପୋଲିସ ଅଧିକାରୀ ବ୍ୟବସ୍ଥାର ତଦାରଖ କରିବେ। ଟ୍ରାଫିକ ନିୟମ କଡାକଡି କରାଯିବ। ବଜାର ମୁଖ୍ୟ ରାସ୍ତାରେ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଲମ୍ବାଧାଡି ବାନ୍ଧି ରହୁଥିବାରୁ ବଜାର ଭିତରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ସିଂହଦ୍ୱାରରେ ପ୍ରବେଶ କରି ଶ୍ରଦ୍ଧାଳୁମାନେ ଦର୍ଶନ ପରେ ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିବେ। ସେହିପରି ପଞ୍ଚସଖା ପଡ଼ିଆରେ ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ ସମାରୋହ ଶ୍ରୀରାଧା ଉତ୍ସବ ଚାରିଦିନ ଧରି ଚାଲିବ। ସମସ୍ତ ଜରୁରିକାଳୀନ ସେବା ଯେପରି ଉପଲବ୍ଧ ରହିବ ସେଥିପ୍ରତି ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି।

---

# ଥଇଥାନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ସ୍ୱତନ୍ତ୍ର ଟିମ୍

କୋଣାର୍କ,୪।୧୧(ଡି.ଏନ୍.ଏ.)

ଚନ୍ଦ୍ରଭାଗା ସମୁଦ୍ରକୂଳ ସଂଲଗ୍ନ ନୋଳିଆବସ୍ତିର ମତ୍ସ୍ୟଜୀବୀମାନଙ୍କୁ ଜାଗା ମିଶନ ଯୋଜନାରେ ଥଇଥାନ ନିମନ୍ତେ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟକୁ ସୋମବାର ଡିଏଫ୍‌ଆଇଡିର ଏକ ସ୍ୱତନ୍ତ୍ର ଟିମ୍ ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଦୁର୍ଗାଚରଣ ମହାପାତ୍ରଙ୍କ ସହିତ ଆନ୍ତର୍ଜାତିକ ସଂସ୍ଥା ଡିଏଫ୍‌ଆଇଡିର ସଦସ୍ୟ ଜଗନ ଶାହା, ଲଣ୍ଡନ ବିଶ୍ୱବିଦ୍ୟାଳୟର ପ୍ରଫେସର ହିମାଂଶୁ ପାରେକ, ଜାଗା ମିଶନର ରାଜ୍ୟ ପରାମର୍ଶଦାତା ଶିଶିର କୁମାର ଦାଶ ଚନ୍ଦ୍ରଭଗାଠାରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ପରେ ଏହି ଟିମ୍ ସ୍ଥାନୀୟ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସଙ୍କ ଅଧ୍ୟକ୍ଷତାରେ ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ କୁମାର ମିଶ୍ର ସମେତ ନିର୍ମାଣ କାର୍ଯ୍ୟସହ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଡାକି ଏକ ସମୀକ୍ଷା ବୈଠକ କରାଯାଇ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଜନସ୍ୱାସ୍ଥ୍ୟ, ପୂର୍ତ୍ତ ଓ ନଗର ଉନ୍ନୟନ ବିଭାଗର ଯନ୍ତ୍ରୀମାନେ ଉପସ୍ଥିତ ରହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏହି ମନିଟରିଂ ଟିମକୁ ଅବଗତ କରାଇଥିଲେ। ଏହି ଯୋଜନାରେ ସମୁଦ୍ର ଉଚ୍ଚ ଜୁଆର ନିକଟରେ ବସବାସ କରୁଥିବା ୩୧୨ଟି ପରିବାରକୁ ଗୃହନିର୍ମାଣ କରି ଥଇଥାନ କରାଯିବା ସହ ନୋଳିଆବସ୍ତିର ମୁଖ୍ୟରାସ୍ତା ଓ ଗଳି ରାସ୍ତାଗୁଡିକର ପ୍ରଶସ୍ତୀକରଣ, ପାନୀୟଜଳ, ବିଦ୍ୟୁତ୍ ତଥା ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ପ୍ରାୟ ଶହେ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିବା କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ କହିଛନ୍ତି।

---

■ ସହାୟତା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଲମ୍ବା ଧାଡ଼ି

# ୫,୩୫୦ ଅଭିଯୋଗ, ପୋଲିସ ନାକେଦମ୍

ପୁରୀ ଅଫିସ, ୪।୧୧:

ବାତ୍ୟା ଫନୀକୁ ୬ ମାସ ବିତିଯାଇଛି। ହେଲେ ଏବେ ବି ଅନେକ ଫନୀ କ୍ଷତିଗ୍ରସ୍ତଙ୍କ ଅବସ୍ଥା ସୁଧୁରି ନାହିଁ। ଅନେକେ ଏପର୍ଯ୍ୟନ୍ତ ଘରଭଙ୍ଗା ସହାୟତା ପାଇନାହାନ୍ତି। ପୁଣି ଘରଭଙ୍ଗା କ୍ଷୟକ୍ଷତି ଆକଳନରେ ଅନିୟମିତତା ହୋଇଥିବା ଅଭିଯୋଗ ବି ଉଠୁଛି। ଥିଲାବାଲା ଲୋକ ଚଞ୍ଚକତା କରି ସହାୟତା ହାତେଇଥିବା ବେଳେ ଯୋଗ୍ୟ ବ୍ୟକ୍ତିଙ୍କ ନାଁ ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ ହେଉଛି। ଫଳରେ ଫନୀ ସହାୟତା ନେଇ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଛି। ଏହି ଅସନ୍ତୋଷକୁ ନେଇ ସୋମବାର ସକାଳ ୬ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦେଖିବାକୁ ମିଳିଥିଲା ଲମ୍ବା ଧାଡି। ଅଭିଯୋଗ ଶୁଣାଣିକୁ ଆସିଥିଲେ ହଜାର ହଜାର ଲୋକ। ସକାଳ ୮ଟା ସୁଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରବଳ ଭିଡ଼ ଲାଗିଥିଲା। ସ୍ଥିତି ଏମିତି ଥିଲା ଯେ ଭିଡ଼ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ବ୍ୟାପକ ମାତ୍ରାରେ ପୋଲିସ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଆବାସିକ କାର୍ଯ୍ୟାଳୟକୁ ଜଗି ରହିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ପରିସରରେ ଏମିତି ସ୍ଥିତି ଲାଗି ରହିଥିଲା। ତେବେ ଅଭିଯୋଗ ଶୁଣାଣି ଶିବିରରେ ୫, ୩୫୦ ଅଭିଯୋଗ ହୋଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ଗହଳି ।

ସକାଳ ୬ଟା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧୀରେ ଧୀରେ ଗହଳି ଆରମ୍ଭ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଲୋକେ ଅଭିଯୋଗ ଜଣାଇବାକୁ ଆସିଥିଲେ। କିନ୍ତୁ ଏତେ ସଂଖ୍ୟକ ଲୋକ ଆସିବେ ତାହା ପ୍ରଶାସନ ଆକଳନ ବାହାରେ ଥିଲା। ସକାଳ ୮ଟା ସୁଦ୍ଧା କାର୍ଯ୍ୟାଳୟ ପରିସରକୁ ପଶିବା ଏକପ୍ରକାର ଅସମ୍ଭବ ହାଇପଡିଥିଲା। ଅଭିଯୋଗ ପାଇଁ ଆସିଥିବା ଲୋକଙ୍କ ବାଇକ୍‌ଗୁଡ଼ିକ ଏସ୍‌ପିଙ୍କ କାର୍ଯ୍ୟାୟଠାରୁ ସଦ୍‌ଭାବନା ସଭାଗୃହ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିଲା। ଅଭିଯୋଗକାରୀଙ୍କ ସଂଖ୍ୟାକୁ ଦେଖି ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ଅଭିଯୋଗକାରୀ ଧାଡିରେ ଯାଇ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଇଥିଲେ। ଦୀର୍ଘ ସମୟ ଧରି ଲୋକେ ଲମ୍ବା ଲାଇନରେ ଛିଡା ହୋଇଥିଲେ। ସବୁଠୁ ଅଧିକ ଅଭିଯୋଗ ଥିଲା ଘରଭଙ୍ଗା ସହାୟତାକୁ ନେଇ। ସମ୍ପୂର୍ଣ୍ଣ ଘର ଭାଙ୍ଗିଥିଲେ ୯୫ ହଜାର ଏବଂ ଆଂଶିକ କ୍ଷତି ହୋଇଥିଲେ ୫,୨୦୦ ଟଙ୍କା ସହାୟତା ରାଶି ଦିଆଯିବା ପାଇଁ ସ୍ଥିର ହୋଇଥିଲା। କ୍ଷୟକ୍ଷତି ଆକଳନ ରିପୋର୍ଟ ଅନୁଯାୟୀ ଲୋକଙ୍କୁ ସହାୟତା ଦିଆଯାଇଛି। ମାତ୍ର ରିପୋର୍ଟ ପ୍ରସ୍ତୁତିରେ ପାତର ଅନ୍ତର କରାଯାଇଥିବା ଅଭିଯୋଗ କରି ଶହ ଶହ ଲୋକ ୯୫ ହଜାର ଟଙ୍କା ଲେଖାଏ ପାଇବା ପାଇଁ ଦାବି କରୁଛନ୍ତି। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏନେଇ ସର୍ବାଧିକ ଅଭିଯୋଗ ଆସିଥିବା ଜଣାପଡିଛି।